୫-୧୧ ମେ' ୨୦୨୪

ସକାଳ
THE SAKALA

ରବିବାର

# ସିନ୍ଦୁରା

- ଏକାମ୍ର କ୍ଷେତ୍ରର ପ୍ରାଚୀନ ଭଗ୍ନ ମନ୍ଦିର
- ଭୁବନେଶ୍ୱରର ଭଗ୍ନ କୀର୍ତ୍ତିରାଜି
- ଭଗ୍ନ କୋଣାର୍କରେ ରମ୍ୟକଳା
- ଭଗ୍ନ ମନ୍ଦିରରେ ଐତିହ୍ୟର ଚିତ୍ର
- ହୀରାଖଣ୍ଡ ସାମ୍ରାଜ୍ୟର ଜୀର୍ଣ୍ଣ ମନ୍ଦିର
- ମାଟି ତଳେ ବିରଳ କୀର୍ତ୍ତିରାଜି



# ଜୀର୍ଣ୍ଣ ଦେବାଳୟ



କଳା, ସଂସ୍କୃତିରେ ପରିପୂର୍ଣ୍ଣ ଉତ୍କଳ ଭୂମିରେ ରହିଛି ବହୁ ପ୍ରାଚୀନ ମନ୍ଦିର। ଏହି ସବୁ ମନ୍ଦିରର ନିର୍ମାଣ ଶୈଳୀ, ସୁନ୍ଦର କଳାକୃତି ଭକ୍ତ ଓ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ରାଜ୍ୟର ଅନେକ ମନ୍ଦିରରେ ଉତ୍କଳୀୟ କଳା ଓ ଭାସ୍କର୍ଯ୍ୟର ଚିତ୍ର ପ୍ରତିଫଳିତ। ପଥର ଦେହରେ ଓଡ଼ିଆ ଶିଳ୍ପୀଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ ମନକୁ ବିମୋହିତ କରେ।

ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଢେଙ୍କାନାଳର କପିଳାସ ମନ୍ଦିର, କୋରାପୁଟ ସାବର ଶ୍ରୀକ୍ଷେତ୍ରର ଜଗନ୍ନାଥ ମନ୍ଦିର, ପାଇକମାଳର ନୃସିଂହନାଥ ମନ୍ଦିର, ବଲାଙ୍ଗିର ଜିଲ୍ଲାର ହରିଶଙ୍କର ମନ୍ଦିର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ରହିଛି ଶହ ଶହ ମନ୍ଦିର। ତେବେ ରାଜ୍ୟର କେତେକ ପ୍ରାଚୀନ ମନ୍ଦିର ଭଗ୍ନ ଅବସ୍ଥାରେ ରହିଛି, ପୁଣି କେତେକ ମନ୍ଦିର ମାଟିରେ ମିଶି ଗଲାଣି। ଅନେକ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି।

ମନ୍ଦିର ମାଳିନୀ ଭୁବନେଶ୍ୱର। ପୁରୁଣା ଭୁବନେଶ୍ୱରଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ ରହିଛି ଅନେକ ସୁଦୃଶ୍ୟ ମନ୍ଦିର। ପ୍ରାକୃତିକ ବିପର୍ଯ୍ୟୟ ହେଉ କି ମାନବକୃତ କାର୍ଯ୍ୟ ଯୋଗୁଁ ହେଉ ଅବା ବିଧର୍ମୀ କଳାପାହାଡ଼ର ଆକ୍ରମଣ ଯୋଗୁଁ ହେଉ କେତେକ ମନ୍ଦିର ଅବହେଳିତ ଓ ଭଗ୍ନ ଅବସ୍ଥାରେ ପଡ଼ିଛି। ତେବେ ପ୍ରତ୍ୟେକ ମନ୍ଦିରର ଇତିହାସ ଭିନ୍ନ ଭିନ୍ନ। ପ୍ରତ୍ୟେକ ମନ୍ଦିର ନିର୍ମାଣ ପଛରେ ରହିଛି କିଛି କିମ୍ବଦନ୍ତୀ ଓ ଲୋକକଥା। ଏହି ସବୁ ଜୀର୍ଣ୍ଣ ମନ୍ଦିର ଇତିହାସର ଗାଥା ବଖାଣେ। ଭୁବନେଶ୍ୱରଠାରୁ ଆରମ୍ଭ କରି ସୋନପୁର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହିଛି ଅନେକ ଭଗ୍ନ ମନ୍ଦିର। ଏଭଳି କିଛି ଭଗ୍ନ ଓ ଜୀର୍ଣ୍ଣ ମନ୍ଦିରର ଇତିହାସ, କିମ୍ବଦନ୍ତୀ, ମନ୍ଦିରର ବିଶେଷତ୍ୱକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଜୀର୍ଣ୍ଣ ଦେବାଳୟ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ




ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ


**ମେଷ**
ରବିବାରରେ ନିଜ ଲୋକଙ୍କ ସହଯୋଗ ପାଇବେ। ଅନ୍ୟ ଉପରେ ଅଧିକ ଭରସା କରନ୍ତୁ ନାହିଁ। ସୋମ, ମଙ୍ଗଳ, ବୁଧବାରରେ ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି। ଗୁରୁ, ଶୁକ୍ର, ଶନିବାରରେ ଦାମ୍ପତ୍ୟ ସମ୍ପର୍କରେ ମଧୁରତା ବଢ଼ିବ। ସାଙ୍ଗସାଥୀଙ୍କ ସହଯୋଗ ପାଇବେ।


**ବୃଷ**
ରବିବାରରେ ଜୀବନରେ ନୂତନ ମୋଡ଼ ସୃଷ୍ଟି ହୋଇପାରେ। ସୋମ, ମଙ୍ଗଳ, ବୁଧବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ପାଇବେ। ଗୁରୁ, ଶୁକ୍ର, ଶନିବାରରେ ବିରୋଧାଭାସ ମନୋବୃତ୍ତି ରଖି କଷ୍ଟ ପାଇବେ। ଅର୍ଥାଭାବ ଦେଖାଦେଇପାରେ। ଦୂରଯାତ୍ରା କରିପାରନ୍ତି।



**ମିଥୁନ**
ରବିବାରରେ ଜୀବନରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇବେ। ସୋମ, ମଙ୍ଗଳ, ବୁଧବାରରେ ଦାମ୍ପତ୍ୟ ଜୀବନରେ ଖୁସିର ସଞ୍ଚାର ଦେଖାଦେବ। ନିଜ ବାକ୍ୟ ଉପରେ ସଂଯମତା ରକ୍ଷା କରି କଥା କୁହନ୍ତୁ। ଗୁରୁ, ଶୁକ୍ର, ଶନିବାରରେ ଭାଗୀଦାରୀ କାର୍ଯ୍ୟରେ ଲାଭବାନ ହେବେ।


**କର୍କଟ**
ରବିବାରରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା କାର୍ଯ୍ୟ ପୂରଣ ହେବ। ସୋମ, ମଙ୍ଗଳ, ବୁଧବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟରେ ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ। ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟରେ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଆର୍ଥିକ ଅବସ୍ଥାରେ ଉନ୍ନତି ହେବ।


**ସିଂହ**
ରବିବାରରେ ସମସ୍ତ ବାଧାବିଘ୍ନ ଦୂର ହେବ। କୋର୍ଟ ସମ୍ବନ୍ଧୀୟ ମାମଲାଗୁଡ଼ିକର ନିଷ୍ପତ୍ତି ଆପଣଙ୍କ ସପକ୍ଷରେ ହୋଇପାରେ। ସୋମ, ମଙ୍ଗଳ, ବୁଧବାରରେ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଗୁରୁ, ଶୁକ୍ର, ଶନିବାରରେ ନୂତନ ନିଯୁକ୍ତି ସୁଯୋଗ ପାଇବେ। ମହିଳାମାନେ ସ୍ୱାବଲମ୍ବୀ ହେବେ।


**କନ୍ୟା**
କନ୍ୟା: ରବିବାରରେ ଆଶାବାଦୀ ଓ ଉତ୍ସାହିତ ରହିବେ। ସୋମ, ମଙ୍ଗଳ, ବୁଧବାରରେ ସାଙ୍ଗ ତଥା ପରିବାରବର୍ଗଙ୍କ ସହ ଆନନ୍ଦରେ ସମୟ କଟାଇବେ। ଗୁରୁ, ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ସମୟ ପୂର୍ବରୁ କାର୍ଯ୍ୟ କରି ପ୍ରଶଂସିତ ହେବେ। ବିବାଦୀୟ ସ୍ଥିତିରୁ ଦୂରେଇ ରୁହନ୍ତୁ।


**ତୁଳା**
ରବିବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ। ପ୍ରିୟଜନଙ୍କ କଥାକୁ ଗୁରୁତ୍ୱ ଦେବେ। ସୋମ, ମଙ୍ଗଳ, ବୁଧବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ। ଗୁରୁ, ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ପୈତୃକ ସମ୍ପତ୍ତିରେ ଭାଗୀଦାରୀ ପାଇପାରନ୍ତି।


**ବିଛା**
ରବିବାରରେ କିଛି ଅସୁବିଧାର ସମ୍ମୁଖୀନ ହେବେ। ସୋମ, ମଙ୍ଗଳ, ବୁଧବାରରେ ଦୀର୍ଘ ଦିନର ଅସୁସ୍ଥତା ହେତୁ ଶାରୀରିକ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଯାତାୟାତ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବାର ସମ୍ଭାବନା ଅଛି। ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟ ସମ୍ବନ୍ଧୀୟ ନିଷ୍ପତ୍ତି ଭଲ ଭାବେ ଭାବିଚିନ୍ତି ନିଅନ୍ତୁ।


**ଧନୁ**
ରବିବାରରେ ମନରେ ବ୍ୟାକୁଳତା ଅନୁଭବ ହେବ। ପରିବାରରେ ସୁଖଶାନ୍ତିର ପରିବେଶ ରହିବ। ସୋମ, ମଙ୍ଗଳ, ବୁଧବାରରେ ଚିନ୍ତାରେ ବୁଡ଼ି ରହିବେ। ଶନିବାରରେ ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ଗୁରୁ, ଶୁକ୍ର, ଶନିବାରରେ ଘରେ ଶାନ୍ତିଶୃଙ୍ଖଳା ରହିବ। ମନରେ ଦୁଶ୍ଚିନ୍ତା ଓ ଅସ୍ଥିରତା ପ୍ରକାଶ ପାଇବ।


**ମକର**
ରବିବାରରେ କୌଣସି ବିବାହ ପ୍ରସ୍ତାବ ଆସିପାରେ। ସଫଳତା ପାଇବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରିବେ। ସୋମ, ମଙ୍ଗଳ, ବୁଧବାରରେ ଅଫିସ୍ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି, ଗୁରୁ, ଶୁକ୍ର, ଶନିବାରରେ ମନରୁ ଖରାପ ଭାବନା ଅପସରିଯିବ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ।


**କୁମ୍ଭ**
ରବିବାରରେ ସାମାଜିକ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ। ସୋମ, ମଙ୍ଗଳ, ବୁଧବାରରେ ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ। ଗୁରୁ, ଶୁକ୍ର, ଶନିବାରରେ ନୂତନ ନିବେଶ ପାଇଁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ଲୋଡ଼ିବେ।


**ମୀନ**
ରବିବାରରେ କିଛି ଭଲ ଖବର ଶୁଣିବାକୁ ମିଳିପାରେ। କର୍ମକ୍ଷେତ୍ରରେ ପଦୋନ୍ନତିର ସୁଯୋଗ ପାଇବେ। ସୋମ, ମଙ୍ଗଳ, ବୁଧବାରରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଗୁରୁ, ଶୁକ୍ର, ଶନିବାରରେ ଜଟିଳ କାର୍ଯ୍ୟକୁ ସଂପାଦନ କରିବାକୁ ସକ୍ଷମ ହେବେ। ପରିବାର ସହ ସୁଖଦ ସମୟ କଟାଇବେ।





# ଏକାମ୍ର କ୍ଷେତ୍ରର ପ୍ରାଚୀନ ଭଗ୍ନ ମନ୍ଦିର



ଅଧ୍ୟାପକ ପବିତ୍ର ମୋହନ ବାରିକ

କଳା, ସଂସ୍କୃତି, ପରମ୍ପରା, ପ୍ରାକୃତିକ ଶୋଭାସମ୍ଭାରରେ ପରିପୂର୍ଣ୍ଣ ଏକ ରାଜ୍ୟ ଓଡ଼ିଶା । ଅନନ୍ୟ ଏଠାକାର ସଂସ୍କୃତି ଓ ପରମ୍ପରା । ଏଠାରେ ରହିଛି ଅନେକ ପ୍ରାଚୀନ ମନ୍ଦିର ଓ ମଠ । ଓଡ଼ିଶାର ଅନେକ ମନ୍ଦିର କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ । ଓଡ଼ିଆ ଶିଳ୍ପୀର ନିହାଣ ମୁନରେ ପ୍ରସ୍ତରର ସୂକ୍ଷ୍ମ କାରୁକାର୍ଯ୍ୟ ଅଭିଭୂତ କରେ ଦେଶବିଦେଶର ଅଗଣିତ ପର୍ଯ୍ୟଟକଙ୍କୁ । ପୂଜାର୍ଚ୍ଚନା ସହିତ ମନ୍ଦିରର ସୌନ୍ଦର୍ଯ୍ୟ, ସୂକ୍ଷ୍ମ କାରୁକାର୍ଯ୍ୟ, କଳା, ସ୍ଥାପତ୍ୟ ଦର୍ଶନ କରିବାକୁ ପ୍ରତିଦିନ ରାଜ୍ୟର ବିଭିନ୍ନ ମନ୍ଦିରରେ ଅସଂଖ୍ୟ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରୁହେ । ଗୋଟିଏ ପଟେ ଭକ୍ତିଭାବନା, ଅନ୍ୟପଟେ ମନ୍ଦିରର ଆକର୍ଷଣୀୟ କଳା ଓ ସ୍ଥାପତ୍ୟ ବିଭୋର କରେ ମନ ଓ ହୃଦୟକୁ । ତେବେ ଏବେ ବି ଏଭଳି ଅନେକ ପ୍ରାଚୀନ ମନ୍ଦିର ଦୃଷ୍ଟି ଆଢୁଆଳରେ ରହିଯାଇଛି, ଯାହା ଶହ ଶହ ବର୍ଷ ତଳର କଳା କାରିଗରୀର ସ୍ମାରକୀ ବହନ କରେ । ଏପରିକି କେତେକ ମନ୍ଦିର ଭାଙ୍ଗି ଚୂରମାର ହୋଇଗଲାଣି । କେତେକ ମନ୍ଦିର ଭଗ୍ନ ଓ ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ଆଉ କେତେକ ମନ୍ଦିର ମାଟି ତଳେ ପୋତି ହୋଇଗଲାଣି । ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଉତ୍‌ଖନନ କରାଯାଇ, ଏଭଳି ମନ୍ଦିରକୁ ଆବିଷ୍କାର କରି ତା'ର ଐତିହ୍ୟ ସମ୍ପର୍କରେ ଗବେଷଣା କରାଯାଉଛି । କେତେକ ମନ୍ଦିର ବିଧର୍ମୀ କଳାପାହାଡ଼ର ଆକ୍ରମଣରେ ତ କେତେକ ଦୁର୍ବୃତ୍ତଙ୍କ ଆକ୍ରମଣରେ ନଷ୍ଟ ହୋଇଯାଇଛି । ଆଉ କେତେକ ମନ୍ଦିର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଧ୍ୱଂସ ହୋଇଗଲାଣି । ମନ୍ଦିର ମାଳିନୀ ଭୁବନେଶ୍ୱରରେ ଏଭଳି ଛୋଟ ବଡ଼ ଅନେକ ଭଗ୍ନ ମନ୍ଦିର ରହିଛି, କେଉଁଠି ମନ୍ଦିରର ଚୂଡ଼ା ଭାଙ୍ଗିଗଲାଣି, କେଉଁଠି ମାଟିରେ ମିଶିଗଲାଣି ଇଟାରେ ନିର୍ମିତ ଦେଉଳ । ପୁଣି କେଉଁ ମନ୍ଦିରରେ ଗଛଲତା ଉଠି ଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ଏକାମ୍ର କ୍ଷେତ୍ରର ଏଭଳି କିଛି ଭଗ୍ନ ତଥା ଜୀର୍ଣ୍ଣ ମନ୍ଦିରକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।



ମନ୍ଦିର ମାଳିନୀ ଭୁବନେଶ୍ୱର ମନ୍ଦିର ସଂସ୍କୃତି ଅତ୍ୟନ୍ତ ଅନନ୍ୟ ତଥା ଅନୁପମ। ଏହା ପ୍ରାଚୀନ ଓଡ଼ିଶାର କାଳଜୟୀ ଇତିହାସର ଜୀବନ୍ତ ସ୍ମାରକୀ। କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଆକର୍ଷଣୀୟ ସୌନ୍ଦର୍ଯ୍ୟର ଅନ୍ୟନାମ ଭୁବନେଶ୍ୱର ମନ୍ଦିର ଶିଳ୍ପ। ଭୁବନେଶ୍ୱରର ଭୁବନମୋହିନୀ ମନ୍ଦିରମାନଙ୍କର କଳା, ନୈପୁଣ୍ୟକୁ ଅନୁଧ୍ୟାନ କରିବା ନିମନ୍ତେ ଦେଶବିଦେଶରୁ ବହୁ ଗବେଷକ, ଐତିହାସିକ, ମନ୍ଦିର ବିଶାରଦ, ପ୍ରତ୍ନତତ୍ତ୍ୱବିଦ୍‌ମାନେ ଏଠାକୁ ଆସିଛନ୍ତି। ଭୁବନେଶ୍ୱର ମନ୍ଦିର ସଂସ୍କୃତିର ଅନବଦ୍ୟ ଅବଦାନ ଅବିସ୍ମରଣୀୟ। ଭୁବନେଶ୍ୱରର ପ୍ରତ୍ୟେକ ମନ୍ଦିରର ରହିଛି ସ୍ୱତନ୍ତ୍ର ଇତିହାସ, ଐତିହ୍ୟ, ଲୋକକଥା, କିମ୍ବଦନ୍ତୀ ଓ ଜନଶ୍ରୁତି। ବହୁ ପର୍ଯ୍ୟଟକ, ଗବେଷକ, ସଂସ୍କୃତିପ୍ରେମୀ, ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ଭୁବନେଶ୍ୱର ସଂସ୍କୃତି ସର୍ବଦା ସଦୟ ନିମନ୍ତ୍ରଣ କରିଆସିଛି।








## ଜରାଜୀର୍ଣ୍ଣ ଭୁବନେଶ୍ୱରର ପ୍ରାଚୀନ ମନ୍ଦିର

ଭୁବନେଶ୍ୱରର ପ୍ରାଚୀନ ନାମ ଏକାମ୍ର କ୍ଷେତ୍ର ଯେ ବିଭିନ୍ନ ପୁରାଣରେ ଯଥା –'ସ୍କନ୍ଦପୁରାଣ', 'କପିଳସଂହିତା' ଓ 'ଏକାମ୍ର ପୁରୁଣା'ରେ ଦେଖିବାକୁ ମିଳେ। ବ୍ୟାସ ଦେବଙ୍କ ବିରଚିତ 'ସ୍କନ୍ଦପୁରାଣ'ରେ ଉତ୍କଳଖଣ୍ଡ ଅନ୍ତର୍ଗତ ଦ୍ୱାଦଶ ଅଧ୍ୟାୟ ପୁରୁଷୋତ୍ତମ ମହାତ୍ମ୍ୟରେ ଏକାମ୍ର କ୍ଷେତ୍ର ଏବଂ ଏହା ଅଧିଷ୍ଠାତ୍ରୀ ଦେବତା କୋଟି ଲିଙ୍ଗେଶ୍ୱର ଆଜିର ଲିଙ୍ଗରାଜ ମହାପ୍ରଭୁଙ୍କ ବିଷୟରେ ଅନେକ ବର୍ଣ୍ଣନା ଦେଖିବାକୁ ମିଳେ। ଭୁବନେଶ୍ୱରରେ ନିର୍ମିତ ବିଶାଳ ମନ୍ଦିର ଆଜି ସଗର୍ବେ ଦଣ୍ଡାୟମାନ ହୋଇ ଅଭୁଲାସ୍ମୃତିକୁ ଉଜ୍ଜୀବିତ କରୁଅଛି। ଅନ୍ୟ କେତେକ ମନ୍ଦିର କାଳର କରାଳଗର୍ଭରେ ବିଲୁପ୍ତ ହୋଇ ନିଜର ପରିଚୟ ହଜାଇବାକୁ ବସିଲେଣି। ଅନ୍ୟ କେତେକ ମନ୍ଦିର ଭଗ୍ନାବସ୍ଥାରେ ପଡ଼ିରହି ନିଜର ଅସ୍ତିତ୍ୱ ନିଶ୍ଚିହ୍ନ ହେବାରୁ ରକ୍ଷା କରିବାକୁ ନିରବଚ୍ଛିନ୍ନ ଭାବରେ ପ୍ରୟାସ କରୁଛନ୍ତି। କେତେକ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥା ପାଇଁ ଅନେକ କାରଣ ରହିଛି। ମଧ୍ୟଯୁଗରେ ଧର୍ମବିରୋଧୀ ଆକ୍ରମଣକାରୀମାନଙ୍କର ବାରମ୍ବାର ଆକ୍ରମଣକୁ ସହ୍ୟ କରି ନପାରି ହିନ୍ଦୁ ଧର୍ମ ଓ ସଂସ୍କୃତିର ଅତିପ୍ରିୟ ଉପାସନାସ୍ଥଳ ମନ୍ଦିର ବି ନଷ୍ଟ ହେବାରେ ଲାଗିଲା। ପ୍ରାକୃତିକ ବିପର୍ଯ୍ୟୟ ଯଥା-ବନ୍ୟା, ବାତ୍ୟା, ଅତ୍ୟଧିକ ବର୍ଷା ଓ ଖରାର ପ୍ରକୋପରୁ ନିଜକୁ ରକ୍ଷା କରିବା ନିମନ୍ତେ କେତେକ ମନ୍ଦିର ସମର୍ଥ ହୋଇପାରିନଥିଲେ। ସ୍ଥାନୀୟ ଜନସାଧାରଣଙ୍କର ସଭ୍ୟତା ଓ ସଂସ୍କୃତି ପ୍ରତି ଅଜ୍ଞତା ଓ ଉଦାସୀନତା ଆଦି କାରଣରୁ ମନ୍ଦିରଗୁଡ଼ିକ ଧ୍ୱଂସର ଦ୍ୱାରଦେଶରେ ଉପନୀତ। ସଚେତନତା ଓ ରକ୍ଷଣାବେକ୍ଷଣର ଅଭାବ ପାଇଁ ଓଡ଼ିଆ ଜାତି ଆଜି କେତେକ ମନ୍ଦିର ସଂସ୍କୃତିର ଦୁର୍ଲଭ କୀର୍ତ୍ତିରାଜିକୁ ହରାଇ ବସିଛି। ଭୁବନେଶ୍ୱରରେ ମନ୍ଦିର ସଂଖ୍ୟାକୁ ନେଇ ଗବେଷକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳେ। ବର୍ତ୍ତମାନ ୫୮୦ରୁ ଊର୍ଦ୍ଧ୍ୱ ମନ୍ଦିର ଏଠାରେ ଥିବାର ଜଣାଯାଏ। ଏହି ମନ୍ଦିରମାନଙ୍କ ମଧ୍ୟରେ କେତେକ ସମ୍ପୂର୍ଣ୍ଣ ଧ୍ୱଂସ ଅବସ୍ଥାରେ ତ ଅନ୍ୟ କେତେକ ଆଂଶିକ ରୂପେ କ୍ଷତିଗ୍ରସ୍ତ ହୋଇଛନ୍ତି।





## ପ୍ରାଚୀନ ମନ୍ଦିରରେ କଳିଙ୍ଗ ସ୍ଥାପତ୍ୟ ଶୈଳୀର ନିଦର୍ଶନ

ଭୁବନେଶ୍ୱରର ଅନ୍ୟତମ ପ୍ରାଚୀନ ନାମ 'ଏକାମ୍ର କ୍ଷେତ୍ର', 'ଏକାମ୍ର ଚନ୍ଦ୍ରିକା', 'ସ୍ୱର୍ଣ୍ଣାଦ୍ରି ମହୋଦୟ' ପ୍ରଭୃତି ପ୍ରାଚୀନ ଗ୍ରନ୍ଥରେ ଏଠାକାର ମନ୍ଦିର ସମ୍ପର୍କରେ ଅନେକ ଅଲୌକିକ ତଥ୍ୟ ଓ ବ୍ୟାଖ୍ୟା ରହିଛି। ଓଡ଼ିଶାର ପ୍ରମୁଖ ପ୍ରାଚୀନ ରାଜବଂଶ ଯଥା – ଶୈଳୋଦ୍ଭବ, ଭୌମକର, ସୋମବଂଶ ଓ ଗଙ୍ଗବଂଶ ରାଜତ୍ୱ ସମୟରେ ଭୁବନେଶ୍ୱରରେ ଅନେକ ମନ୍ଦିର ନିର୍ମାଣ କରାଯାଇଥିଲା। ଭୁବନେଶ୍ୱରର କ୍ଷେତ୍ରାଧିପତି ପ୍ରଭୁ ଶ୍ରୀ ଲିଙ୍ଗରାଜ, କ୍ଷେତ୍ରଶ୍ୱର ପ୍ରଭୁ ତ୍ରିଭୁବନେଶ୍ୱରଙ୍କ ନାମରୁ ଭୁବନେଶ୍ୱର ଆସିଛି। ଓଡ଼ିଶା ମନ୍ଦିର ସ୍ଥାପତ୍ୟର ପ୍ରାରମ୍ଭ ସମୟ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀକୁ ବିବେଚନା କରାଯାଏ। ଏହି ମନ୍ଦିର ସ୍ଥାପତ୍ୟ କଳାର ପରୀକ୍ଷାଗାର ଅଟେ ପ୍ରାଚୀନ ଭୁବନେଶ୍ୱର ଏକାମ୍ର କ୍ଷେତ୍ର। ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ୧୦୦୦ ବର୍ଷ ଧରି ଭୁବନେଶ୍ୱରରେ ଗଢ଼ି ଉଠିଛି ବିଭିନ୍ନ ପ୍ରକାର ଓ ବିଭିନ୍ନ ଆକାରରେ ଅନେକ ମନ୍ଦିର। ଭୁବନେଶ୍ୱରର ମନ୍ଦିରଗୁଡ଼ିକ ସ୍ୱତନ୍ତ୍ର ଭାବେ କଳିଙ୍ଗ ମନ୍ଦିର ସ୍ଥାପତ୍ୟ ଶୈଳୀ ଭାବରେ ଭାରତରେ ଅନୁସୃତ ଅନ୍ୟ ତିନୋଟି ଶୈଳୀ ଯଥା – ନାଗର, ଦ୍ରାବିଡ଼, କେଶରଠାରୁ ଭିନ୍ନ ପରିଚୟ ସୃଷ୍ଟି କରିଛି। କଳିଙ୍ଗ ସ୍ଥାପତ୍ୟ ଶୈଳୀର ନିଦର୍ଶନ ସ୍ୱରୂପ ଭୁବନେଶ୍ୱରରେ ଗଢ଼ି ଉଠିଛି ଅସଂଖ୍ୟ ରେଖା, ପିଢ଼ି ଓ ଖାକରା ଶୈଳୀର ତ୍ରିରଥ, ପଞ୍ଚରଥ, ସପ୍ତରଥ ଓ ନବରଥ ବିଶିଷ୍ଟ ମନ୍ଦିର ସମୂହ, ଯାହା ଉତ୍କଳୀୟ ମନ୍ଦିର ଶିଳ୍ପ ନୈପୁଣ୍ୟର ପରିଚୟ ଦେଇଥାଏ। ପୃଥିବୀର କୌଣସି ସହରରେ ଭୁବନେଶ୍ୱର ପରି ଗୋଟିଏ ସ୍ଥାନରେ ବିଭିନ୍ନ ଶିଳ୍ପ ସ୍ଥାପତ୍ୟର ଭିନ୍ନ ଭିନ୍ନ ଧରଣର ମନ୍ଦିର ଏତେ ସଂଖ୍ୟାରେ ପାଖାପାଖି ଥିବାର ଦେଖାଯାଏ ନାହିଁ।





## ଭଗ୍ନ ଶୁକଶାରୀ ମନ୍ଦିର

ଭୁବନେଶ୍ୱର ଭଗ୍ନ ମନ୍ଦିର ମଧ୍ୟରେ ଶୁକଶାରୀ ମନ୍ଦିର ଅନ୍ୟତମ। ଶ୍ରୀଲିଙ୍ଗରାଜ ମନ୍ଦିର ଓ ବିନ୍ଦୁସାଗର ମଧ୍ୟରେ କାହିଁ କେଉଁକାଳରୁ ମାଟି ତଳେ ପୋତି ହୋଇ ରହିଥିଲା। ଗବେଷକମାନେ ମତ ବ୍ୟକ୍ତ କରନ୍ତି ଯେ, ଏହି ମନ୍ଦିର ତ୍ରୟୋଦଶ ଶତାବ୍ଦୀର। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ତତ୍ତ୍ୱାବଧାନରେ ଏହି ମନ୍ଦିରର ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଦିରଟି ପଞ୍ଚାୟତନ ଶୈଳୀରେ ନିର୍ମିତ। ମୁଖ୍ୟ ମନ୍ଦିରରେ ଚାରି କଡ଼ରେ ଚାରିଟି ଛୋଟ ମନ୍ଦିର ରହିଛି। ସବୁ ମନ୍ଦିରରେ ଶିବଲିଙ୍ଗ ଅଛି। ମନ୍ଦିରର ଉତ୍ତର-ପଶ୍ଚିମ କୋଣ ଓ ଦକ୍ଷିଣ ପଶ୍ଚିମ କୋଣରେ ଥିବା ଛୋଟ ମନ୍ଦିରର ଭଗ୍ନାବଶେଷ ଉଦ୍ଧାର କରାଯାଇ ଅଛି। ଏହା ପୂର୍ବରୁ ମାଟି ଖନନ କରାଯାଇ ଏକାମ୍ରଶ୍ୱର ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା। ସର୍ବେକ୍ଷଣ ସ୍ଥାନର ଖନନ ହେବା ପରେ ମନ୍ଦିରର ପଥର ପାଚେରି, ଶକ୍ତିପୀଠ ଓ ଶାରୀ ମନ୍ଦିର ପାର୍ଶ୍ୱମନ୍ଦିରର କିଛି ଅଂଶ ମିଳିଛି। ମନ୍ଦିରର ଉତ୍ତରପଶ୍ଚିମ ଦିଗକୁ ଏକ ପୁରୁଣା ମନ୍ଦିରର ଚଟାଣ ମିଳିଛି।

## ଏକାମ୍ର କ୍ଷେତ୍ରର ପ୍ରମୁଖ ଜୀର୍ଣ୍ଣ ମନ୍ଦିର

ଏକାମ୍ର କ୍ଷେତ୍ରରେ ଭଗ୍ନ ମନ୍ଦିର ମଧ୍ୟରେ ମଙ୍ଗଳେଶ୍ୱର ମନ୍ଦିର ଅନ୍ୟତମ। ଏହି ମନ୍ଦିର ପାପନାଶିନୀ ମନ୍ଦିର ଓ ପାପନାଶିନୀ ପୁଷ୍କରିଣୀର ଉତ୍ତରପାର୍ଶ୍ୱରେ ଅବସ୍ଥିତ। ଏହି ମନ୍ଦିର ଚତୁର୍ଦ୍ଦଶ ଶତାବ୍ଦୀର ଓ ଗଙ୍ଗବଂଶର ଅମରକୃତି ବୋଲି ବିଦ୍ୱାନମାନେ ମତବ୍ୟକ୍ତ କରନ୍ତି। ଏହା ଭଗବାନ ଶିବ ଠାକୁରଙ୍କର ଉଦ୍ଦେଶ୍ୟରେ ସମର୍ପିତ। ଶ୍ରୀ ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା ଅନେକ ପ୍ରାଚୀନ ଭଗ୍ନମନ୍ଦିର ମଧ୍ୟରେ ବୃଦ୍ଧ ଗଣେଶ ମନ୍ଦିର ଅନ୍ୟତମ। ଏହା ଏକାଦଶ ଶତାବ୍ଦୀର ମନ୍ଦିର ଅଟେ। ଏହା ଏକ ସଂରକ୍ଷିତ କୀର୍ତ୍ତିରାଜି ରୂପେ ଘୋଷିତ ହୋଇଅଛି। ଏହା ଭୁବନେଶ୍ୱରର ସବୁଠାରୁ କ୍ଷୁଦ୍ର ଗଣେଶ ମନ୍ଦିର। ଦଶମ କିମ୍ବା ଏକାଦଶ ଶତାବ୍ଦୀରେ ନିର୍ମିତ ପାତାଳେଶ୍ୱର ମନ୍ଦିର ବର୍ତ୍ତମାନ ଶୋଚନୀୟ ସ୍ଥିତିରେ ବିଦ୍ୟମାନ। ଏହି ମନ୍ଦିରର ପୂର୍ବରେ ଅନନ୍ତ ବାସୁଦେବ ମନ୍ଦିର ଓ ପଶ୍ଚିମରେ ବିନ୍ଦୁସାଗର। ବର୍ଷା ସମୟରେ ବର୍ଷା ପାଣି ମନ୍ଦିର ମଧ୍ୟରେ ପ୍ରବେଶ କରି ମନ୍ଦିର ଢାଞ୍ଚାର ଅନେକ କ୍ଷତି କରିଛି। ଏକାମ୍ର କ୍ଷେତ୍ରର ପ୍ରସିଦ୍ଧ ଶିଶିରେଶ୍ୱର ମନ୍ଦିର, ମିତ୍ରେଶ୍ୱର ମନ୍ଦିରର ଭଗ୍ନ ଅଂଶ ଦୃଷ୍ଟିଗୋଚର ହୁଏ। ଶିଶିରେଶ୍ୱର ମନ୍ଦିରର ଶିଖର ବଜ୍ରପାତରେ କିଛି ଅଂଶ କ୍ଷତି କରିଥିଲା। ଭରତେଶ୍ୱର, ଲକ୍ଷ୍ମଣେଶ୍ୱର ପ୍ରଭୃତି ମନ୍ଦିର, ଯାହା ମାଉସୀ ମା' ଛକ ନିକଟରେ ଅବସ୍ଥିତ ଏହା ମଧ୍ୟ ବହୁ ଭଗ୍ନ ଅଂଶ ନଜରକୁ ଆସିଥାଏ।

ସେହିପରି ଭବାନୀଶଙ୍କର ମନ୍ଦିର, ସମାଧି ମନ୍ଦିର, ମଠ ମନ୍ଦିର ପ୍ରଭୃତି ବହୁ ମନ୍ଦିର ରକ୍ଷଣାବେକ୍ଷଣ ଅଭାବରୁ ଜୀର୍ଣ୍ଣ ଅବସ୍ଥାରେ ରହିଛି। ମନ୍ଦିରର ସୁରକ୍ଷା ଓ ସଂରକ୍ଷଣ ଏକାନ୍ତ ଅପରିହାର୍ଯ୍ୟ ଏ ଜାତିର ଅସ୍ମିତାକୁ ବଞ୍ଚାଇ ରଖିବାପାଇଁ। ଏଠାରେ ଆଲୋଚନା କରାଯାଇଥିବା ଭୁବନେଶ୍ୱରର ଭଗ୍ନ ମନ୍ଦିରଗୁଡ଼ିକ ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ଏକାମ୍ର କ୍ଷେତ୍ରରେ ଏଭଳି ଆହୁରି ଅନେକ ଛୋଟ ଛୋଟ ଭଗ୍ନ ମନ୍ଦିର ରହିଛି। ଯାହାର କୌଣସି ଇତିହାସ ନାହିଁ। ତେବେ ଭଗ୍ନ ଅବସ୍ଥାରେ ରହିଛି ଏହି ସବୁ ମନ୍ଦିର। ବିଶେଷ କରି ପୁରୁଣା ଭୁବନେଶ୍ୱରରେ ରହିଛି ଏଭଳି ଅନେକ ମନ୍ଦିର। କେଉଁଠି ଦେବଦେବୀ ପୂଜା ପାଉଛନ୍ତି, ଆଉ କେଉଁଠି ଭଗ୍ନସ୍ତୂପ ହୋଇପଡ଼ିରହିଛି ମନ୍ଦିର। କେବଳ ଇତିହାସର ମୂକସାକ୍ଷୀ ହୋଇରହିଛି ଏହି ସବୁ ଭଗ୍ନ ମନ୍ଦିର। ଏହି ସବୁ ମନ୍ଦିର ଉପରେ ଆହୁରି ଅଧିକ ଗବେଷଣା କରିବାର ଆବଶ୍ୟକତା ରହିଛି। ■

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ ମଦନପୁର, ଖୋର୍ଦ୍ଧା
ମୋ:୮୮୯୫୧୯୦୪୭୫

ପ୍ରାଚୀନ କାଳରୁ ଭାରତରେ ମନ୍ଦିର ନିର୍ମାଣର ଏକ ସ୍ୱତନ୍ତ୍ର ପରିଚୟ ରହିଆସିଛି । ଯଦିଓ ମନ୍ଦିର ନିର୍ମାଣର ପ୍ରଥା ବହୁ ପ୍ରାଚୀନ କିନ୍ତୁ ଗୁପ୍ତ ଶାସନ ସମୟରେ ଆମେ ପ୍ରଥମ ଥର ପାଇଁ ହିନ୍ଦୁ ମନ୍ଦିରର ସ୍ଥାପତ୍ୟ ଉଭୟ ପଥର ଏବଂ ପୋଡ଼ାଇଟା ଦ୍ୱାରା ନିର୍ମିତ ଦେଖିବାକୁ ପାଉ । ଗୁପ୍ତ ଶାସନ କାଳରେ ଭାରତର ପ୍ରତ୍ୟେକ ଅଞ୍ଚଳ ସେହି ସମୟର ରାଜପଥ ସମୂହ ଦ୍ୱାରା ଯୋଡ଼ା ଯାଇଥିଲା । ଏହିସବୁ ରାଜପଥଗୁଡ଼ିକରେ ବଣିକମାନେ ନିଜର ବ୍ୟବସାୟ କରିବା ପାଇଁ ବର୍ଷ ତମାମ ଯିବା ଆସିବା କରୁଥିଲେ । ଅନେକ ନଗର ଓ ସହର ଏହିସବୁ ରାଜପଥ ସମୂହର ଉଭୟ ପାର୍ଶ୍ୱରେ ଗଢ଼ି ଉଠିଥିଲା । ଖାଲି ବଣିକ କାହିଁକି, ଏହି ରାଜପଥ ସମୂହରେ ବିଭିନ୍ନ ଧର୍ମର ତୀର୍ଥ ଯାତ୍ରୀ, କଳାକାର ଏବଂ ଭିନ୍ନ ଭିନ୍ନ ସମ୍ପ୍ରଦାୟର ଲୋକମାନେ ଯିବାଆସିବା କରୁଥିଲେ । ଏହିସବୁ ଯାତ୍ରା ଦ୍ୱାରା ନୂଆ ଚିନ୍ତାଧାରାର ବିକଶିତ ହେଉଥିଲା ।  ଓଡ଼ିଶା ମଧ୍ୟ ନିଜର ଭୌଗୋଳିକ ସ୍ଥିତି - ଉଭୟ ଉତ୍ତର ଓ ଦକ୍ଷିଣ ଭାରତର ମଧ୍ୟଭାଗରେ ଅବସ୍ଥିତ ଥିବାରୁ ନୂତନ ଚିନ୍ତାଧାରାର ଏକ ମୁଖ୍ୟ ପେଣ୍ଠ ଭାବରେ ବିକଶିତ ହେଇଥିଲା । ଖ୍ରୀଷ୍ଟାବ୍ଦ ଷଷ୍ଠ - ସପ୍ତମ ଶତାବ୍ଦୀରୁ ଓଡ଼ିଶାରେ ହିନ୍ଦୁ ମନ୍ଦିରର ନିର୍ମାଣ ଆରମ୍ଭ ହୁଏ ।



ଜିତୁ ମିଶ୍ର

# ଭୁବନେଶ୍ୱରର ଭଗ୍ନ ଐତିହାସିକ କୀର୍ତ୍ତିରାଜି



## ଏକାମ୍ର କ୍ଷେତ୍ରରେ ପ୍ରାଚୀନ ମନ୍ଦିର

ମଧ୍ୟ ଯୁଗର ଆରମ୍ଭରୁ ଓଡ଼ିଶାରେ ଅନେକ ସହର ଓ ନଗରର ବିକାଶ ହୋଇଥିଲା ।  ଏହି ସବୁ ସହର ମୁଖ୍ୟତଃ ସେଇ ସମୟର ବ୍ୟବସାୟ ପଥ ଓ ନଦୀ ପଥରେ ବିକାଶ ହୋଇଥିଲା ।  ବ୍ୟବସାୟୀମାନେ ଏହି ସବୁ ସହରରେ ବର୍ଷ ତମାମ ଖାଲି ନିଜର ବ୍ୟବସାୟରେ ଲିପ୍ତ ନଥିଲେ, ବରଂ ଧର୍ମ କାର୍ଯ୍ୟରେ କରୁଥିଲେ । ମନ୍ଦିର ତିଆରି କରିବାରେ ଏମାନଙ୍କର ଏକ ମୁଖ୍ୟ ଭୂମିକା ଥିଲା । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଯାହାକୁ ସେଇ ସମୟରେ ଏକାମ୍ର କୁହାଯାଉଥିଲା, ମନ୍ଦିର ନିର୍ମାଣର ଏକ ମୁଖ୍ୟ ପେଣ୍ଠ ଭାବରେ ବିକଶିତ ହୋଇଥିଲା । ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀରେ ଭୁବନେଶ୍ୱରେ ମନ୍ଦିର ନିର୍ମାଣର କାର୍ଯ୍ୟ ଆରମ୍ଭ ହୋଇ ଖ୍ରୀଷ୍ଟାବ୍ଦ ତେରଶ ଶତାବ୍ଦୀରେ ଶେଷ ହୋଇଥିଲା । ଆମେ ବିଭିନ୍ନ ପୁରାଣରୁ ଜାଣିବାକୁ ପାଉ ଯେ, ଏକଦା ଭୁବନେଶ୍ୱରର ବିନ୍ଦୁ ସାଗରର ଚାରିପଟେ ୭୦୦୦ ମନ୍ଦିର ଗଢ଼ି ଉଠିଥିଲା । ଆଜି ଅବଶ୍ୟ ମାତ୍ର ୩୦୦ଟି ମନ୍ଦିର ରହିଛି, ସେଥିମଧ୍ୟରୁ ଅନେକ ଭଗ୍ନ ଅବସ୍ଥାରେ ଆମ ପାଇଁ ଐତିହାସିକ କୀର୍ତ୍ତିରାଜି ଭାବରେ ବିଦ୍ୟମାନ ରହିଛି ।

ବିଭିନ୍ନ ରାଜବଂଶମାନଙ୍କର ରାଜୁତି ସମୟରେ ନିର୍ମିତ ଭୁବନେଶ୍ୱରର ବିନ୍ଦୁ ସାଗରର ଚତୁଃପାର୍ଶ୍ୱରେ ଏବଂ ପୁରୁଣା ଭୁବନେଶ୍ୱରର ଅନ୍ୟାନ୍ୟ ଅଞ୍ଚଳରେ ବିଦ୍ୟମାନ ଏହି ସବୁ ମନ୍ଦିର  କଳିଙ୍ଗ ସ୍ଥପତିରେ ନିର୍ମାଣ ହୋଇଥିଲା । ଯଦିଓ ଅନେକ ମନ୍ଦିର ଦୂରରୁ ଏକ ଢାଞ୍ଚାରେ ତିଆରି ହୋଇଥିବା ଦେଖାଯାଏ, କିନ୍ତୁ ଆମେ ଯଦି ପାଖରୁ ସମୟ ଦେଇ ଅନ୍ୱେଷଣ କରିବା ଆମେ ପ୍ରତ୍ୟେକ ମନ୍ଦିର ମଧ୍ୟରେ ପାର୍ଥକ୍ୟ ଦେଖିପାରିବା ।



ରାଜାରାଣୀ ମନ୍ଦିର

ଉଦାହରଣ ସ୍ୱରୂପ ଦଶମ ଶତାବ୍ଦୀରେ ନିର୍ମିତ ମୁକ୍ତେଶ୍ୱର ମନ୍ଦିରରେ ଆମେ ଅନେକ ଅଳସକନ୍ୟା ବା ଅପସରାମାନଙ୍କୁ ଦେଖିବାକୁ ପାଉ । ଏହି ଅଳସ କନ୍ୟାମାନଙ୍କର ବିଶେଷତ୍ୱ ହେଉଛି ସେମାନେ ଶୁଆମାନଙ୍କ ସହିତ ଘରର ଦ୍ୱାର ସାମ୍ନାରେ କଥା ହେଉଛନ୍ତି । ଯଦି ଆମେ ଆଉ ଗୋଟେ ମନ୍ଦିରକୁ ଯିବା, ଏହିମାନଙ୍କ ସଂଖ୍ୟା ବହୁତ କମିଯାଏ । ଉଦାହରଣ ସ୍ୱରୂପ ରାଜାରାଣୀ ମନ୍ଦିର - ଆମେ ଅନେକ ସଂଖ୍ୟାରେ ଯୁଗଳ ପ୍ରେମିକ ଏବଂ ପ୍ରେମିକା ମୂର୍ତ୍ତି ଦେଖିବାକୁ ପାଉ । ତେବେ ଅଳସକନ୍ୟା ଶୁଆ ସହିତ କଥା ହେବା ଦୃଶ୍ୟ ପ୍ରାୟତଃ ଦେଖିବାକୁ ମିଳେନାହିଁ । ଏହା କହିବାର ତାତ୍ପର୍ଯ୍ୟ ହେଉଛି ଯେ, ଗୋଟିଏ ମନ୍ଦିର ଗଢ଼ିବା ପୂର୍ବରୁ ଅନେକ ଯୋଜନା କରାଯାଉଥିଲା । ସମାଜର ବିଭିନ୍ନ ବର୍ଗର ଲୋକେ ମିଳିମିଶି ପରିକଳ୍ପନା କରୁଥିଲେ କେଉଁ ବିଷୟବସ୍ତୁକୁ ନେଇ ମନ୍ଦିରଟି ନିର୍ମାଣ ହେବ ଓ ତାପରେ ମନ୍ଦିରର ନିର୍ମାଣକାର୍ଯ୍ୟ ଆରମ୍ଭ ହେଉଥିଲା ।

## ଚାରୁକଳା ଏବଂ ଭାସ୍କର୍ଯ୍ୟର ନିଦର୍ଶନ

ଭୁବନେଶ୍ୱରରେ ନିର୍ମିତ ଅନେକ ମନ୍ଦିର ଖାଲି ଭଗବାନଙ୍କ ପୂଜା ପାଇଁ ସୀମିତ ନଥିଲା। ଚାରୁକଳା ଏବଂ ଭାସ୍କର୍ଯ୍ୟ ପାଇଁ ଏହି ସବୁ ମନ୍ଦିର ବେଶ୍ ଜଣାଶୁଣା। ଆମେ ଅନ୍ୱେଷଣ କରିବା ସେହି ସମୟର ପରମ୍ପରା, ନିତିଦିନିଆ ଜୀବନଶୈଳୀ, ଶିକ୍ଷା, ବ୍ୟବସାୟ ପରମ୍ପରା, ଯୁଦ୍ଧ କୌଶଳ ଏବଂ ଆହୁରି ଅନେକ କିଛି ବିଷୟରେ ଜାଣିପାରିବା। ମୁଁ ଏଇଠି କିଛି ଉଦାହରଣ ଦେବାକୁ ଚାହୁଁଛି। ସପ୍ତମ ଶତାବ୍ଦୀରେ ନିର୍ମିତ ପର୍ଶୁରାମେଶ୍ୱର ମନ୍ଦିରରେ ଗୋଟିଏ ଭାଗରେ କିଛି ମହିଳା ଗୋଟିଏ ନଦୀ କୂଳରେ ଏକାଠି ହୋଇଛନ୍ତି। ତାଙ୍କ ମଧ୍ୟରୁ ଜଣେ ମହିଳା ଗୋଟେ ଭେନିଟି ବେଗ ଧରି ବାର୍ତ୍ତାଳାପ କରୁଛନ୍ତି। ଏହା ସେଇ ସମୟର ଫ୍ୟାସନ୍ ଟ୍ରେଣ୍ଡକୁ ସୂଚାଏ। ଚିତ୍ରକାରିଣୀ ମନ୍ଦିରରେ କିଛି ବ୍ୟବସାୟୀ ଓଟମାନଙ୍କ ମାଧ୍ୟମରେ ଏକାମ୍ର ଆସିଛନ୍ତି ବ୍ୟବସାୟ କରିବା ପାଇଁ, ଏକ ସୁଦୂର ମରୁଭୂମି ଅଞ୍ଚଳରୁ। ମୁଁ କାହିଁକି ଏହି ସବୁ ଉଦାହରଣ ଦେଉଛି - କାରଣ ଆଜିର ଯୁବପିଢ଼ି ଓ ପର୍ଯ୍ୟଟକ ରୋମାଞ୍ଚକର ଗପ ଓ ଦୃଶ୍ୟ ଦେଖିବାକୁ ଭଲପାଆନ୍ତି। ଏହିସବୁ ମନ୍ଦିରରେ ଖୋଦିତ ଗପ କହୁଥିବା ମୂର୍ତ୍ତିଗୁଡ଼ିକ ମାଧ୍ୟମରେ ଏମାନଙ୍କୁ ଆକୃଷ୍ଟ କରାଯାଇପାରିବ।

ଆଜି ଦୁଃଖର ବିଷୟ, ଭୁବନେଶ୍ୱରରେ କିଛି ହାତଗଣତି ମନ୍ଦିରକୁ ଛାଡ଼ିଦେଲେ ଅନେକ ମନ୍ଦିର ଆଜି ପରିତ୍ୟକ୍ତ ଓ ଭଗ୍ନାବସ୍ଥାରେ। ଯାହାଫଳରେ ଆମେ ଭୁବନେଶ୍ୱରର ଅନେକ ଐତିହାସିକ କୀର୍ତ୍ତିରାଜିକୁ ହରାଇ ବସିଛୁ। ଆମେ ଯୁବପିଢ଼ି ଓ ପର୍ଯ୍ୟଟକଙ୍କୁ ଭୁବନେଶ୍ୱରର ଐତିହ୍ୟ ପ୍ରତି ଆକୃଷ୍ଟ କରିପାରୁନାହୁଁ।

## ଭଗ୍ନ ଶିଶିରେଶ୍ୱର ମନ୍ଦିର

ଭୁବନେଶ୍ୱରର ଭଗ୍ନ ମନ୍ଦିରଗୁଡ଼ିକ ମଧ୍ୟରେ ଶିଶିରେଶ୍ୱର ମନ୍ଦିର ଅନ୍ୟତମ। ବଇତାଳ ମନ୍ଦିରର ପାର୍ଶ୍ୱରେ ନିର୍ମିତ ଶିଶିରେଶ୍ୱର ମନ୍ଦିର ଏହାର ଅନନ୍ୟ ଚାରୁକଳା ପାଇଁ ପ୍ରସିଦ୍ଧ। କିନ୍ତୁ ଏହି ମନ୍ଦିରର କେବଳ ଗୋଟିଏ ପାର୍ଶ୍ୱ ଦେଖିବାକୁ ପାଉ। ଏହାର ଶିଖର ଭାଙ୍ଗି ଯାଇଛି। ଏହାର ଅନ୍ୟ ପାର୍ଶ୍ୱଟି ଜଣେ ବ୍ୟବସାୟୀ ଜବରଦଖଲ କରି ରଖିଛନ୍ତି। ଯଦିଓ ଆମ ପାଖରେ କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ, କିନ୍ତୁ ଆମେ କଳ୍ପନା କରିପାରିବା ଯେ ବ୍ରଜାଘାତରେ ମନ୍ଦିରଟି ଭାଙ୍ଗିଯାଇଛି। ନିକଟରେ ରାମେଶ୍ୱର ମନ୍ଦିରରେ ବ୍ରଜାଘାତରେ ଏହାର କିଛି କ୍ଷୟକ୍ଷତି ଘଟିଥିଲା, ଯାହାକି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା।



## ମନ୍ଦିର କ୍ଷୟିଷ୍ଣୁର କାରଣ

ଭଗ୍ନାବସ୍ଥା ବ୍ୟତୀତ ଅନେକ ଗୁଡ଼ିଏ ମନ୍ଦିରର ତଳଭାଗସ୍ଥିତ କେତେକ ମୂର୍ତ୍ତି ସମୂହ ଅକ୍ଷତ ଅବସ୍ଥାରେ ଥିବା ଆମେ ଦେଖିବାକୁ ପାଉ। ପାଖରୁ ନିରୀକ୍ଷଣ କଲେ ଜଣାପଡ଼େ ଯେ, ମଣିଷମାନଙ୍କ ଦ୍ୱାରା ଏହାସବୁ ଭଙ୍ଗାରୁଜା ହେଇଛି। କିମ୍ବଦନ୍ତୀ ଅନୁସାରେ କଳାପାହାଡ଼ର ଆକ୍ରମଣ କରି ଏହିସବୁ ମୂର୍ତ୍ତିଗୁଡ଼ିକର କ୍ଷୟକ୍ଷତି ଘଟାଇଥିଲା। ଅବଶ୍ୟ ଆମ ପାଖରେ ତାହାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। କଳାପାହାଡ଼ ବ୍ୟତୀତ ବ୍ରିଟିଶ୍ ରାଜ ସମୟରେ ଅନେକ କଳା ସଂଗ୍ରହକାରୀ ଏବଂ ଆଭିମୁଖ୍ୟବାଦୀ ଲୋକ ଅନେକ ବିରଳ ମୂର୍ତ୍ତି ନେଇଯାଇଥିଲେ। ଆଜି ଅନେକ ବିରଳ ମୂର୍ତ୍ତି ବିଦେଶରେ ଅଛି। ଏହି ସବୁ ମୂର୍ତ୍ତି ନେବା ସମୟରେ ଏହି ମନ୍ଦିରଗୁଡ଼ିକର କ୍ଷତି ଘଟିଥିଲା ବୋଲି ଅନୁମାନ କରାଯାଇପାରେ। ବ୍ୟାପକ ସହରୀକରଣ ଯୋଗୁଁ ଆଜି ଭୁବନେଶ୍ୱରର ଅନେକ ମନ୍ଦିରର ସଂରକ୍ଷଣ ପ୍ରତି ଆହ୍ୱାନ ରହିଛି। ଆମେ ଯଦି ପାଖରୁ ଦେଖିବା ମୁକ୍ତେଶ୍ୱର, ପର୍ଶୁରାମେଶ୍ୱର, ବଇତାଳ ଆଦି ମନ୍ଦିର ଭୂମି ସ୍ତରରୁ ୩ ଫୁଟ ତଳେ ରହିଛି। ପୁରୁଣା ଭୁବନେଶ୍ୱରରେ ଅନେକ କୋଠା ଘର ତଳେ ଅନେକ ମନ୍ଦିର ପୋତି ହୋଇ ରହିଛନ୍ତି। ଶେଷରେ ମୁଁ ଜଣେ ପ୍ରତ୍ନତତ୍ତ୍ୱବିତ୍ ଭାବରେ କହିବାକୁ ଚାହେ ଆମେ ଯଦି ଭୁବନେଶ୍ୱରର ଐତିହାସିକ କୀର୍ତ୍ତିରାଜିକୁ ବଞ୍ଚାଇବାକୁ ଚାହିଁବା ତାହେଲେ, ଆମକୁ ଜନସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଐତିହ୍ୟ ପଦଯାତ୍ରା, ୟୁଟ୍ୟୁବ୍ ଭିଡ଼ିଓ ଏବଂ ବିଭିନ୍ନ ଅନୁଷ୍ଠାନରେ ଐତିହ୍ୟ ଆଲୋଚନାଚକ୍ର ମାଧ୍ୟମରେ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ■

୧୯-ଡି, ମେଟ୍ରୋ ଟାୱାର୍,
ଭୋଇ ନଗର,
ଭୁବନେଶ୍ୱର


ଲକ୍ଷ୍ମାନେଶ୍ୱର ମନ୍ଦିର



## ଦୃଷ୍ଟି ଆଢୁଆଳରେ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିର

ପର୍ଶୁରାମେଶ୍ୱର ମନ୍ଦିର ଭୁବନେଶ୍ୱରର ସବୁଠୁ ପ୍ରାଚୀନ ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହି ମନ୍ଦିର ସପ୍ତମ ଶତାବ୍ଦୀରେ ନିର୍ମିତ ହୋଇଥିଲା। ପର୍ଶୁରାମେଶ୍ୱର ମନ୍ଦିରର ନିକଟରେ ରହିଛି ସପ୍ତମ ଶତାବ୍ଦୀରେ ନିର୍ମିତ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିର। ଯାହାକି ଭାସ୍କର୍ଯ୍ୟ କଳାରେ ପରିପୂର୍ଣ୍ଣ ଏକ ସୁଦୃଶ୍ୟ ମନ୍ଦିର। ତେବେ ରକ୍ଷଣାବେକ୍ଷଣର ଅଭାବରୁ ଏବଂ ଜବରଦଖଲ ଯୋଗୁଁ ଲୋକଲୋଚନକୁ ଆସିପାରୁନାହିଁ। ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିରର କେବଳ ବିମାନଟି ରହିଛି, ଯାହାକି ଅକ୍ଷତ ଅବସ୍ଥାରେ ଅଛି।

## ଭଗ୍ନ ଅବସ୍ଥାରେ ମିତ୍ରେଶ୍ୱର ମନ୍ଦିର

ଭୁବନେଶ୍ୱରର ଆଉ ଏକ ଭଗ୍ନ ମନ୍ଦିର ହେଉଛି ପାପନାଶିନୀ ପୁଷ୍କରିଣୀରେ ଅବସ୍ଥିତ ମିତ୍ରେଶ୍ୱର ମନ୍ଦିର, ଯାହାର ବିମାନଟି ଅଧାରୁ ଭାଙ୍ଗିଯାଇଛି। ଶିଶିରେଶ୍ୱର ମନ୍ଦିର ଭଳି ବଜ୍ରପାତ ଯୋଗୁଁ ଏହି ମନ୍ଦିରର ଶିଖର ଭାଙ୍ଗିଯାଇଛି ବୋଲି ଆମେ କଳ୍ପନା କରିପାରିବା। ଏହିସବୁ ମନ୍ଦିରଗୁଡ଼ିକ ଉଦାହରଣ ବ୍ୟତୀତ ବହୁତ ମନ୍ଦିରର ଉଭୟ ବିମାନ ଓ ଜଗମୋହନ ଭଗ୍ନ ଅବସ୍ଥାରେ ଥିଲା, ଯାହାସବୁକୁ ପଥର ଭରାଯାଇ ପୁନଃସ୍ଥାପନ କରାଯାଇଛି। କିଛି ଉଦାହରଣ ହେଲା ଭାରତେଶ୍ୱର, ଶତ୍ରୁଘନେଶ୍ୱର ଏବଂ ଲଖମାନେଶ୍ୱର (ଏହି ତିନି ମନ୍ଦିର ହେଉଛି ଭୁବନେଶ୍ୱରର ସବୁଠୁ ପ୍ରାଚୀନ ମନ୍ଦିର - ଷଷ୍ଠ ଶତାବ୍ଦୀ)। ସମ୍ପୂର୍ଣ୍ଣ ଜଳେଶ୍ୱର, ଭାରତୀ ମଠ, ଡାକରା ବିଭୀଷଣେଶ୍ୱର ଏବଂ ଶାରୀ ଦେଉଳ।


ମିତ୍ରେଶ୍ୱର ମନ୍ଦିର


ଭାରତୀ ମଠ



ଗଙ୍ଗ ବଂଶର ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ନିର୍ମିତ 'କୋଣାର୍କ' ପୃଥିବୀର ଅଦ୍ୱିତୀୟ ଶିଳ୍ପ ଭାସ୍କର୍ଯ୍ୟ ବମଣ୍ଡିତ ମନ୍ଦିର ରୂପେ ପ୍ରସିଦ୍ଧି ଲାଭ କରିଛି । ତତ୍କାଳୀନ ଉତ୍କଳର ୧୨ବର୍ଷର ରାଜସ୍ୱ ବ୍ୟୟରେ ୧୨ଶହ ବଢ଼େଇ ଦୀର୍ଘ ୧୬ବର୍ଷ କାଳ ଅକ୍ଳାନ୍ତ ପରିଶ୍ରମ କରି ଏପରି ଏକ ବିଶାଳକାୟ ମନ୍ଦିର ନିର୍ମାଣ କରିବାରେ ସଫଳ ହୋଇଥିଲେ । ସମଗ୍ର ବିଶ୍ୱରେ ଉତ୍କଳୀୟ କଳା ଭାସ୍କର୍ଯ୍ୟର ବିଜୟ ବୈଜୟନ୍ତୀ ଉଡ଼ାଉଥିବା ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ୫ଶହ ବର୍ଷ ତଳୁ ଭଗ୍ନ ଅବସ୍ଥାରେ ପରିଦୃଶ୍ୟମାନ ହେଉଛି ।

ଅରୁଣାଭ କର , କୋଣାର୍କ

# ଭଗ୍ନ କୋଣାର୍କରେ ରମ୍ୟକଳା

## ଭଗ୍ନ କୀର୍ତ୍ତିରାଜିକୁ ବିଶ୍ୱ ଐତିହ୍ୟ ମାନ୍ୟତା

ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗରେ ନିର୍ମିତ ଏହି ବିଶାଳକାୟ ମନ୍ଦିରରେ ସୂର୍ଯ୍ୟଦେବଙ୍କର ପୂଜାର୍ଚ୍ଚନା ପ୍ରାୟ ୩୦୦ ବର୍ଷ ପର୍ଯ୍ୟନ୍ତ ଚାଲୁରହିବା ପରେ ବିଭିନ୍ନ କାରଣରୁ ଷୋଡ଼ଶ ଶତାବ୍ଦୀ ପ୍ରାରମ୍ଭରେ ଏହାର ପତନ ଆରମ୍ଭ ହୋଇଥିଲା । ଏହି ମନ୍ଦିର ନିଜର ବିଶାଳତା ଏବଂ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ନିର୍ମାଣ ଶୈଳୀ ପାଇଁ ଯେତିକି ଚର୍ଚ୍ଚିତ, ତା'ଠାରୁ ବେଶି ଚର୍ଚ୍ଚିତ ଏହାର ପତନର କାରଣକୁ ନେଇ । ଶତାବ୍ଦୀ ଶତାବ୍ଦୀ ଧରି ଦେଶବିଦେଶର ପରିବ୍ରାଜକ ତଥା ସଂସ୍କୃତିପ୍ରେମୀ ପର୍ଯ୍ୟଟକ କୋଣାର୍କର ବିଶାଳକାୟ ଆକର୍ଷଣୀୟ ସୂକ୍ଷ୍ମ ସ୍ଥାପତ୍ୟକୁ ଉପଭୋଗ କରି ଆଶ୍ଚର୍ଯ୍ୟ ତଥା ଆତ୍ମବିମୋହିତ ହେବା ସହିତ ଏପରି ଅପରୂପ କୀର୍ତ୍ତିର ଧ୍ୱଂସାଭିମୁଖୀ ସ୍ଥିତିକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ଭଗ୍ନ କୋଣାର୍କ ସମ୍ପ୍ରତି ପୂର୍ବ ଭାରତର ଏକମାତ୍ର ବିଶ୍ୱ ଐତିହ୍ୟ ମାନ୍ୟତାପ୍ରାପ୍ତ କୀର୍ତ୍ତିରାଜି ଭାବେ ବିଦ୍ୟମାନ ।

## କିମ୍ବଦନ୍ତୀରେ ଭଗ୍ନ କୋଣାର୍କ

ପ୍ରଚଳିତ ଜନଶ୍ରୁତି ଅନୁଯାୟୀ ମୂଳ ମନ୍ଦିର ଚୂଡ଼ାରେ ଗୋଟିଏ ବଡ଼ ଚୁମ୍ବକ ଥିଲା । କୋଣାର୍କ ନିକଟବର୍ତ୍ତୀ ବଙ୍ଗୋପସାଗରରେ ଯାତାୟାତ କରୁଥିବା ଜାହାଜଗୁଡ଼ିକୁ ଏହି ଚୁମ୍ବକ କୂଳକୁ ଆକର୍ଷିତ କରି ଭାଙ୍ଗି ଦେଉଥିଲା । ଏଥିରୁ ରକ୍ଷା ପାଇବା ପାଇଁ ବିଦେଶୀ ଜାହାଜର ନାବିକ ତଥା ଜଳଦସ୍ୟୁମାନେ ମନ୍ଦିର ଚୂଡ଼ାକୁ ଭାଙ୍ଗି ଚୁମ୍ବକଟିକୁ କାଢ଼ି ନେଇଯିବାରୁ ଧୀରେ ଧୀରେ ମନ୍ଦିରର ଅଗ୍ରଭାଗରୁ ପଥର ଖସି ମୂଳ ଦେଉଳର ପତନ ଘଟିଲା । ୧୫୬୮ ରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କର ମୃତ୍ୟୁପରେ କଳାପାହାଡ଼ ମନ୍ଦିର ଉପରେ ଆକ୍ରମଣ କରିଥିବା ଜନଶ୍ରୁତି କୁହେ । ମନ୍ଦିରର ରତ୍ନମୁଦ ତଥା ଆମଳକଶିଳାରେ ଗଚ୍ଛିତ ଧନରତ୍ନ ଲୁଟିନେବା ପାଇଁ କଳାପାହାଡ଼ ମନ୍ଦିର ଚୂଡ଼ାକୁ ଭାଙ୍ଗି ଦେଇଥିବା ମଧ୍ୟ ଶୁଣିବାକୁ ମିଳେ । ଏହାପରେ ପର୍ତ୍ତୁଗୀଜ୍ ଜଳଦସ୍ୟୁମାନେ ମଧ୍ୟ ମନ୍ଦିରରୁ ଦୁର୍ମୂଲ୍ୟ ମୂର୍ତ୍ତି ଚୋରି କରି ନେଇଥିବା ଜଣାଯାଏ ।

## କ୍ଷୟିଷ୍ଣୁ କୋଣାର୍କକୁ ନେଇ ଭିନ୍ନ ଭିନ୍ନ ମତ

କୋଣାର୍କର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ମିଷ୍ଟର ଆର୍ଣ୍ଣଟ୍ ଲେଖିଛନ୍ତି ଯେ, "ମନ୍ଦିରର ପ୍ରତିଷ୍ଠା ଆଦୌ ହୋଇନଥିଲା ଏବଂ ନିର୍ମାଣ ସରିବା ପରେ ପରେ ମୁଖ୍ୟ ମନ୍ଦିର ଭାଙ୍ଗି ପଡ଼ିଥିଲା ।" ଆର୍ଣ୍ଣଟ୍‌ଙ୍କ ଯୁକ୍ତି ଅନୁଯାୟୀ "ବାଲିଗଦା ସାହାଯ୍ୟରେ ଦେଉଳ ନିର୍ମିତ ହୋଇଥିଲା । ରେଖ ଦେଉଳର କ୍ରମବକ୍ର କାନ୍ଥ ଉପରେ ନିର୍ମିତ ଖପୁରି ଓ କଳସର ଯଥେଷ୍ଟ ଭାରବହନ କ୍ଷମତା ନଥିଲା । ଫଳରେ ମନ୍ଦିର ଭିତରୁ ବାଲି ବାହାର କରିନେବା କ୍ଷଣି ତାହାର କ୍ରମବକ୍ର କାନ୍ଥ ଭିତରକୁ ଖସି ପଡ଼ିଲା ।" ତେବେ ଆବୁଲ ଫାଜଲଙ୍କ ଭ୍ରମଣ ବୃତ୍ତାନ୍ତରୁ ଆର୍ଣ୍ଣଟ୍‌ଙ୍କର ଏହି ଅନୁମାନ ଅମୂଳକ ପ୍ରମାଣିତ ହୁଏ । ଆବୁଲ ଫାଜଲଙ୍କ କୋଣାର୍କ ବର୍ଣ୍ଣନାରୁ ଜଣାପଡ଼େ ଯେ, ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ଦେଉଳ ପ୍ରାୟ ଅକ୍ଷୁଣ୍ଣ ଅବସ୍ଥାରେ ଥିଲା । ଯଦି ନିର୍ମାଣ ପରେ ପରେ ମୁଖ୍ୟ ମନ୍ଦିର ଭାଙ୍ଗି ଯାଇଥିଲା, ତେବେ ଏହାର ତିନିଶହ ବର୍ଷ ପରେ ଆବୁଲ ଫାଜଲ କିପରି ତାହାର ବର୍ଣ୍ଣନା କଲେ । ମୁଖ୍ୟ ମନ୍ଦିର ଭାଙ୍ଗିଯିବାର କାରଣ ସମ୍ପର୍କରେ ଷ୍ଟର୍ଲିଙ୍ଗ ଅନୁମାନ କରିଛନ୍ତି ଯେ, ଭୂମିକମ୍ପ ବା ବଜ୍ରପାତ ପ୍ରଭାବରେ ମୁଖ୍ୟ ମନ୍ଦିର ଭାଙ୍ଗିଗଲା । ଏହାପରେ କ୍ରମଶଃ ବର୍ଷା, ବାତ୍ୟା ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ମନ୍ଦିର ଧରାଶାୟୀ ହେଲା । ଏତଦ୍ ବ୍ୟତିରକେ ସ୍ଥାନୀୟ ଲୋକେ ମନ୍ଦିରରେ ବ୍ୟବହୃତ ଲୁହା ଚାପୁଆଣିଗୁଡିକୁ କାଢ଼ି ନେଇଯିବାରୁ ପଥରଗୁଡ଼ିକ ଖସିପଡ଼ିଲା । ଡାକ୍ତର ରାଜେନ୍ଦ୍ର ଲାଲ, ହଣ୍ଟର ଓ ଫର୍ଗୁସନ୍ ମନ୍ଦିର ନିର୍ମାଣରେ ମୂଳପତ୍ତନର ଗଠନ ଦୁର୍ବଳତାକୁ ପତନର କାରଣରୂପେ ଅଭିହିତ କରିଛନ୍ତି ।

ନିକଟ ଅତୀତରେ ସିବିଆର୍‌ଆଇ ଦ୍ୱାରା କରାଯାଇଥିବା ଜିପିଆର୍‌ଏସ ସର୍ଭେ ଅନୁଯାୟୀ ଏବେ ବି ସୂର୍ଯ୍ୟମନ୍ଦିରର ମୂଳଦୁଆ ମଜବୁତ୍ ଅଛି । ନରସିଂହଦେବଙ୍କ ତାମ୍ର ଶାସନ ଓ ମାଦଳାପାଞ୍ଜି ଉଭୟରୁ ପ୍ରମାଣିତ ଯେ ୧୨୭୮ ଖ୍ରୀଷ୍ଟାବ୍ଦରେ ସୂର୍ଯ୍ୟମନ୍ଦିର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା ଏବଂ ଲାଙ୍ଗୁଳା ନରସିଂହଦେବ ୧୨୮୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । କୋଣାର୍କ ପତନର କାରଣ ଅନୁସନ୍ଧାନ କରିବାକୁ ପ୍ରଚେଷ୍ଟା କରି ଐତିହାସିକ ତଥା ଗବେଷକମାନେ ନିଜସ୍ୱ ଢଙ୍ଗରେ ଭିନ୍ନ ଭିନ୍ନ ମତପୋଷଣ କରିଛନ୍ତି । ସୂର୍ଯ୍ୟମନ୍ଦିର ପତନର କୌଣସି ଠୋସ୍ ପ୍ରମାଣ ଗବେଷକମାନେ ଉପସ୍ଥାପିତ କରିବାରେ ସକ୍ଷମ ହୋଇପାରିନାହାନ୍ତି । ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁ ରାଜା ମୁକୁନ୍ଦଦେବଙ୍କ ନିଧନ ପରେ କଳାପାହାଡ଼ ଓଡ଼ିଶାର ନାନା ମନ୍ଦିର ଧ୍ୱଂସ କରିବାରେ ବ୍ୟାପୃତ ହେଲା । କୋଣାର୍କ ମନ୍ଦିରର ଦୃଢ ନିର୍ମାଣ କାର୍ଯ୍ୟକୁ ଏକାବେଳକେ ଭାଙ୍ଗିବାକୁ ଚେଷ୍ଟାକରି କଳାପାହାଡ଼ ସେଥିରେ ସକ୍ଷମ ହୋଇନଥିଲା ।

## ମାଦଳାପାଞ୍ଜିରେ କୋଣାର୍କର ଇତିହାସ

ମାଦଳାପାଞ୍ଜି ବର୍ଣ୍ଣନା ଅନୁଯାୟୀ ମନ୍ଦିର ଭାଙ୍ଗି ନପାରି କଳାପାହାଡ଼ କେବଳ କେବଳ ତାହାର କଳସ ଓ ଧ୍ୱଜପଦ୍ମ ବାହାର କରିନେଇଥିଲା । ଯାହାଦ୍ୱାରା ପରବର୍ତ୍ତୀ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବରେ ଧୀରେ ଧୀରେ ବଡଦେଉଳରୁ ପଥରମାନ ଖସି ସମ୍ପୂର୍ଣ୍ଣ ଧରାଶାୟୀ ହୋଇଥିଲା । କଳାପାହାଡ଼ ମୋଟେ କୋଣାର୍କ ଆସିନଥିବା ନେଇ ମଧ୍ୟ କେତେକ ଐତିହାସିକ ମତ ଦିଅନ୍ତି । ତେବେ ୧୬୨୮ ଖ୍ରୀଷ୍ଟାବ୍ଦରେ ପୁରୁଷୋତ୍ତମ ଦେବଙ୍କ ପୁତ୍ର ରାଜା ନରସିଂହଦେବଙ୍କ ନିର୍ଦ୍ଦେଶରେ ବଡ଼ଦେଉଳର ମାପ କରାଯିବା ବେଳକୁ ଆମଳକଶିଳା ନଥିଲା । ବଡ଼ଦେଉଳ ଉଚ୍ଚତାର ମାପ ଆମଳକଶିଳା ପର୍ଯ୍ୟନ୍ତ କରାଯାଇଥିବା ମାଦଳାପାଞ୍ଜି କୁହେ । ଶତାବ୍ଦୀବ୍ୟାପୀ ବିଭିନ୍ନ ସମୟରେ ପ୍ରବଳ ବର୍ଷା, ବାତ୍ୟାଜନିତ ପ୍ରାକୃତିକ ବିପର୍ଯ୍ୟୟ ଏହି ଅବକ୍ଷୟକୁ ତ୍ୱରାନ୍ୱିତ କରିଥିବା ମନେହୁଏ ।



## ପଥରରେ ସୂକ୍ଷ୍ମ କାରୁକାର୍ଯ୍ୟ

କାଳର କରାଳ ଗତିରେ ଭଗ୍ନ ସୂର୍ଯ୍ୟ ମନ୍ଦିରର ଅନେକ ସୂକ୍ଷ୍ମ କାରୁକାର୍ଯ୍ୟଗୁଡ଼ିକୁ ମରହଟ୍ଟା ଶାସକମାନଙ୍କଠାରୁ ବ୍ରିଟିଶମାନଙ୍କ ପର୍ଯ୍ୟନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିଛନ୍ତି । ଏବେ ବି ମନ୍ଦିର ବେଢ଼ାର ଚାରିପଟେ ଅସଂଖ୍ୟ କାରୁକାର୍ଯ୍ୟପୂର୍ଣ୍ଣ ପଥର ଅବହେଳିତ ଭାବରେ ପଡ଼ିରହିଛି । ହାତଗଣତି କେଇଖଣ୍ଡ ଭଗ୍ନ କାରୁକାର୍ଯ୍ୟକୁ ଏଏସ୍‌ଆଇ ପକ୍ଷରୁ କୋଣାର୍କ ସଂଗ୍ରହାଳୟରେ ସଂରକ୍ଷିତ କରି ପ୍ରଦର୍ଶିତ କରାଯାଇଛି । କଳା ମୁଗୁନି ପଥରରେ ନିର୍ମିତ ଅପରୂପ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ବିଖଣ୍ଡିତ ନବଗ୍ରହପାଟକୁ ଏଏସ୍‌ଆଇ ପକ୍ଷରୁ ଗୋଟିଏ ଷ୍ଟୋରରୁମରେ ରଖାଯାଇଛି । ଏହି ଭଗ୍ନ ବିଗ୍ରହ ଶ୍ରେଣୀକୁ ସ୍ଥାନୀୟ ସେବାୟତମାନେ ପୂଜାର୍ଚ୍ଚନା କରୁଛନ୍ତି । ସମ୍ପ୍ରତି ସୂର୍ଯ୍ୟ ମନ୍ଦିରର ପ୍ରମୁଖ ଆକର୍ଷଣ ରୂପେ ବିଦ୍ୟମାନ ଏହାର ମୁଖଶାଳାକୁ ଦେଖି ବିଶ୍ୱବାସୀ ଆତ୍ମବିଭୋର ହେଉଛନ୍ତି । ଓଡ଼ିଆ ଜାତିର ଇତିହାସ, କଳା, ସଂସ୍କୃତି, ପରମ୍ପରା, ଧର୍ମଧାରା ତଥା ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡର ସାମଗ୍ରିକ ଜୀବନଚର୍ଯ୍ୟାକୁ ବ୍ୟକ୍ତ କରୁଥିବା ଏହି ଅନବଦ୍ୟ କୃତିର ଭଗ୍ନ ତଥା ଜରାଜୀର୍ଣ୍ଣ ରୂପ ଏବେ ବି ବିଶ୍ୱବାସୀଙ୍କୁ ଆକର୍ଷିତ ଓ ଆଶ୍ଚର୍ଯ୍ୟଚକିତ କରୁଛି । ■

# ଭଗ୍ନ ମନ୍ଦିରରେ ଐତିହ୍ୟର ଚିତ୍ର







ବୈଷ୍ଣବ ଚରଣ ଦାଶ

ଉତ୍କୃଷ୍ଟ କଳାରେ ପରିପୂର୍ଣ୍ଣ ହୋଇଥିବାରୁ ଏହି ଭୂଖଣ୍ଡର ନାମ ଉତ୍କଳ। ଏଠି କାରିଗରର ନିହାଣ ମୁଗୁର ମୁନରେ ପଥର ବି କଥା କହେ। ଉତ୍କଳର ସ୍ଥାପତ୍ୟ, କଳା, କାରିଗରୀ ଅତି ଉଚ୍ଚକୋଟୀର। ଅତୀତର ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଜଣାଯାଏ ଯେ, ପ୍ରାଚୀନ ଉତ୍କଳରେ ଅନେକ କାରୁକାର୍ଯ୍ୟ ବିମଣ୍ଡିତ କୀର୍ତ୍ତିରାଜି ଉତ୍କଳର ଶୋଭାକୁ ବହୁଗୁଣିତ କରିଥିଲା। ଉକ୍ତ ପାଷାଣ ଖଣ୍ଡଗୁଡ଼ିକରେ ଉତ୍କଳୀୟ ଜୀବନର ପରମ୍ପରା, ସଂସ୍କୃତି, ଚଳିଚଳଣି, ଲତା, ବୃକ୍ଷ, ନାଗ, ଅପସରା, ନର୍ତ୍ତକୀ ଆଦି ଖୋଦିତ ହୋଇ ବିଭିନ୍ନ ମଠ, ମନ୍ଦିର ତଥା ରାଜବାଟିର ଶୋଭାବର୍ଦ୍ଧନ କରୁଥିଲା। ତେବେ କ୍ରମ ବିବର୍ତ୍ତନଧାରାରେ ଏହି ସ୍ଥାପତ୍ୟଗୁଡ଼ିକ ନିଶ୍ଚିହ୍ନ ହେବାକୁ ବସିଲାଣି। ଜଳବାୟୁ ପରିବର୍ତ୍ତନ, ଉପଯୁକ୍ତ ସୁରକ୍ଷାର ଅଭାବ ଏହି କୀର୍ତ୍ତିଗୁଡ଼ିକୁ କାଳର କରାଳ ଗର୍ଭକୁ ଠେଲି ଦେଇଛି। ଗଞ୍ଜାମ ଜିଲ୍ଲାର କେତୋଟି ଭଗ୍ନ ମନ୍ଦିରର ଐତିହ୍ୟକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା।




## ମୁକୁନ୍ଦଗଡ଼ର ମୂକସାକ୍ଷୀ ଭଗ୍ନ କପିଳେଶ୍ୱର ମନ୍ଦିର

ଗଞ୍ଜାମ ଜିଲ୍ଲାର ଏକ ଗଡ଼ ହେଉଛି ବୁଗୁଡ଼ା ସନ୍ନିକଟ ମୁକୁନ୍ଦଗଡ଼। ଘୁମୁସରର ସୁଦୃଶ୍ୟ ପ୍ରାଚୀର ସମ ଦଣ୍ଡାୟମାନ ବୁଦ୍ଧଖୋଲର ପାଦଦେଶରେ ଏହି ଗଡ଼ ଅବସ୍ଥିତ ଥିଲା। ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଦେବବଂଶର ରାଜା ମୁକୁନ୍ଦ ଦେବ ଏହି ଗଡ଼କୁ ନିର୍ମାଣ କରିଥିଲେ। ମୁକୁନ୍ଦ ଦେବଙ୍କ ରାଜ୍ୟଶାସନ କାଳ ସପ୍ତମ ଶତାବ୍ଦୀ ବୋଲି ଐତିହାସିକମାନେ ମତବ୍ୟକ୍ତ କରିଛନ୍ତି। ଅଷ୍ଟମ ଶତାବ୍ଦୀରେ ମୁକୁନ୍ଦ ଦେବଙ୍କ ପୁତ୍ର ଯୁଧିଷ୍ଠିର ଦେବ ଏବଂ ତାଙ୍କ ପରେ ମହାଦେବ ଦେବ ଥିଲେ ମୁକୁନ୍ଦ ଗଡ଼ର ଶେଷ ରାଜା। ମୁକୁନ୍ଦଗଡ଼ ଏକ ଶକ୍ତ ଚାଞ୍ଚଡ଼ା ପଥର ଉପରେ ପୋଡ଼ା ହାଣ୍ଡି ଓ ମାଟିରେ ନିର୍ମାଣ ହୋଇଥିଲା ବୋଲି ଗବେଷକମାନେ ମତ ଦିଅନ୍ତି। ତେଣୁ ଏହା ଶୀଘ୍ର ଧ୍ୱଂସ ପାଇଗଲା। ଏହାର ମୂକସାକ୍ଷୀ ଭାବେ ଠିଆ ହୋଇଛି ଭଗ୍ନ କପିଳେଶ୍ୱର ମନ୍ଦିର। ପରେ ଗଡ଼ରେ ପୂଜା ପାଉଥିବା ଇଷ୍ଟ ଦେବତା ବଳଦେବଙ୍କୁ ଭଞ୍ଜବଂଶର ରାଜା ଶ୍ରୀକର ଭଞ୍ଜ ଆଣି ବୁଗୁଡ଼ାରେ ସ୍ଥାପନ କରିଥିଲେ। ମୁକୁନ୍ଦଗଡ଼ ବର୍ତ୍ତମାନ ନିକଟସ୍ଥ ଗ୍ରାମ ମହୁଲପଲ୍ଲୀ ଓ ପାଣିକେଶ୍ୱରର ଚାଷ ଜମି ରୂପେ ବ୍ୟବହାର ହେଉଛି। ଜମି ଚାଷ କଲାବେଳେ ତହିଁରୁ ବିଭିନ୍ନ ଧାତବ ପାତ୍ର, ଶିଳ, ଗୁଡ଼ା, ଘୋରଣା, ଦୀପାଳି, ପଥୁରି ଗିନା ଆଦି ଗୃହୋପକରଣ ମିଳୁଛି। ଉକ୍ତ ଗଡ଼କୁ ଖ୍ରୀ ୮୩୨ ରେ ଧନଞ୍ଜୟ ଭଞ୍ଜ ଆକ୍ରମଣ କରିଥିଲେ। ସେତେବେଳକୁ ମହାଦେବ ଦେବ ଶାସନ କରୁଥାଆନ୍ତି। ମହାଦେବ ଦେବଙ୍କ ରାଣୀମାନେ ସତୀତ୍ୱ ଚାଲିଯିବା ଭୟରେ ନିକଟସ୍ଥ ନଦୀରେ ଥିବା ଗଣ୍ଡକୁ ଡେଇଁ ପ୍ରାଣତ୍ୟାଗ କରିଥିଲେ। ଏତଦ୍ ଭିନ୍ନ ଗଡ଼ ନିକଟରେ ରାଣୀମାନେ ଗାଧୋଇବା ପାଇଁ ରାଣୀ ଗାଧୁଆବନ୍ଧ, ଘୋଡ଼ାମାନେ ପାଣି ପିଇବା ପାଇଁ ଘୋଡ଼ାବନ୍ଧ, ଅସ୍ତ୍ରଶସ୍ତ୍ର ଧୋଇବା ଓ ଘଷିବା ପାଇଁ ଖଣ୍ଡାଧୁଆବନ୍ଧମାନ ଖୋଳିଥିଲେ। ବନ୍ଧ ସନ୍ନିକଟରେ ଶୈବ ଉପାସନା ପାଇଁ ରାଜା କପିଳେଶ୍ୱର ମନ୍ଦିର ନିର୍ମାଣ କରିଥିଲେ, କିନ୍ତୁ କାଳକ୍ରମେ ତାହା ଭାଙ୍ଗିଯାଇଥିଲା। ମନ୍ଦିରଟି ବର୍ତ୍ତମାନ ପୋତି ହୋଇଯାଇଛି। ମାଟିତଳେ ଅନେକ ସୁନ୍ଦର ପଥର କଳାକୃତି ପୋତି ହୋଇରହିଛି।



## ବୁଗୁଡ଼ାର କୁବେରେଶ୍ୱର ମନ୍ଦିର

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଭଞ୍ଜ ବଂଶୀୟ ରାଜାମାନେ ମୟୂରଭଞ୍ଜଠାରୁ ଆରମ୍ଭ କରି ଘୁମୁସର ପର୍ଯ୍ୟନ୍ତ ରାଜ୍ୟ ଶାସନ କରୁଥିଲେ। ପ୍ରଥମେ ସେମାନେ ଶୈବ ଧର୍ମ ଅବଲମ୍ବନ କରି ଶୈବଗୁରୁଙ୍କ ସାହାଯ୍ୟରେ ପ୍ରାୟ ପ୍ରତି ଗ୍ରାମ ବା ବ୍ରାହ୍ମଣ ଶାସନରେ ଅନେକ ଶିବ ମନ୍ଦିର ପ୍ରତିଷ୍ଠା କରାଇଥିଲେ। ଘୁମୁସର ରାଜ୍ୟର ବୁଗୁଡ଼ା ମୁଠାରେ କୈଳାସନଗର ବା କଇମ ଗ୍ରାମ ନିକଟରେ ଏକ ପ୍ରାଚୀନ ଶିବ ମନ୍ଦିର ଦେଖିବାକୁ ମିଳେ। ଏହା କୁବେରେଶ୍ୱର ମନ୍ଦିର ନାମରେ ପରିଚିତ। ମନ୍ଦିରର ଉଚ୍ଚତା ପ୍ରାୟ ତିରିଶ ଫୁଟ। ଏହା ପଞ୍ଚରଥ ଶୈଳୀରେ ନିର୍ମିତ। ଏହାର ପୁରୋଭାଗରେ ଥିବା ଜଗମୋହନଟି ଭୁବନେଶ୍ୱରସ୍ଥିତ ରାମେଶ୍ୱର ମନ୍ଦିର ଶୈଳୀରେ ନିର୍ମିତ ହୋଇଛି। ମନ୍ଦିରର ଗର୍ଭଗୃହରେ ମହିମାନ୍ୱିତ କୁବେରେଶ୍ୱର ପୂଜା ପାଆନ୍ତି। ଦ୍ୱାରବନ୍ଧ ଉପରେ ପ୍ରସ୍ତରରେ ନିର୍ମିତ ନବଗ୍ରହ ମୂର୍ତ୍ତି



ସହ ଗଣେଶ ଓ ଅମ୍ବିକା ଦେବୀଙ୍କ ମୂର୍ତ୍ତି ଶୋଭା ପାଉଛି। ଦ୍ୱାରଦେଶରେ ଦ୍ୱାରପାଳ ସହ ଲତା ସ୍ତମ୍ଭ ଖୋଦିତ ହୋଇଛି। ଦ୍‌ବାରର ଦକ୍ଷିଣ ଭାଗରେ ଥିବା ପ୍ରାଚୀନ ଅସ୍ପଷ୍ଟ ଶିଳାଲିପି ଦ୍ୱାଦଶ ତ୍ରୟୋଦଶ ଶତାବ୍ଦୀର ବୋଲି ଐତିହାସିକମାନେ ମତବ୍ୟକ୍ତ କରନ୍ତି। ମନ୍ଦିର ସମ୍ମୁଖରେ ମହିଷାମର୍ଦ୍ଦିନୀ, ଏକପାଦ ଭୈରବ, ହର ପାର୍ବତୀ ପ୍ରସ୍ତର ମୂର୍ତ୍ତି ରହିଛି। ମୁଖ୍ୟ ମନ୍ଦିର ବେଢ଼ାରେ ଦୁଇଟି ସୁରମ୍ୟ ମନ୍ଦିର ଦଣ୍ଡାୟମାନ। ଉକ୍ତ ଦୁଇଟି ମନ୍ଦିରର ଜଗମୋହନ ନାହିଁ। ମନ୍ଦିରର ପୂଜକମାନେ ଏହି ମନ୍ଦିରକୁ ସତ୍ୟବାନ୍ ସାବିତ୍ରୀ ବୋଲି କହୁଥିବା ବେଳେ ଅନ୍ୟଟିରେ ସର୍ପ





ଯକ୍ଷର ମୂର୍ତ୍ତି ଓ ହର ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ବିରାଜିତ। ଉକ୍ତ ସର୍ପ ଯକ୍ଷ ମୂର୍ତ୍ତିକୁ ଜରାତ୍କାରୁ ବିଗ୍ରହ ବୋଲି କେତେକ ଗବେଷକ ମତ ପ୍ରକାଶ କରନ୍ତି। ଏହି ମୂର୍ତ୍ତିରେ ଜଣେ ନାରୀ କୋଳରେ ଜଣେ ପୁରୁଷକୁ ଧରିଛନ୍ତି। ଯାହାକୁ ସାବିତ୍ରୀ ସତ୍ୟବାନଙ୍କ ମୃତ୍ୟୁ ସମୟରେ ତାଙ୍କୁ କୋଳରେ ଧରିଥିବା ଦୃଶ୍ୟକୁ ସମସ୍ତେ ଧାରଣା କରିଥାନ୍ତି। ପୁଣି ତଳେ ଏକ ସର୍ପ ମୂର୍ତ୍ତି ରହିଛି। ଉତ୍କଳରେ ନାଗ ଉପାସନାର ପ୍ରତୀକ ରୂପେ ଦେବୀ ମନସାଙ୍କ ପୂଜାର ସୃଷ୍ଟି। ଏହି ବିଗ୍ରହ ସେହି ମନସା ଦେବୀଙ୍କର ହୋଇଥିବାରୁ ଏହି ବିଗ୍ରହ ତଳେ ନାଗ ରହିଛି। କୁବେରେଶ୍ୱର ମନ୍ଦିର ଶୈଳୋଦ୍ଭବ ରାଜାଙ୍କ କୀର୍ତ୍ତି ବୋଲି କେତେକ ଗବେଷକ ଯୁକ୍ତି କରନ୍ତି। ବହୁ ଦାବି ସତ୍ତ୍ୱେ ସମ୍ପ୍ରତି ଓଡ଼ିଶା ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ମନ୍ଦିରର ରକ୍ଷଣାବେକ୍ଷଣ ହୋଇଛି। ତଥାପି ଆହୁରି ଅନେକ ମୂର୍ତ୍ତି ଏବେ ବି ମନ୍ଦିର ଚାରିପାଖରେ ପଡ଼ି ରହିଛି। ଏଗୁଡ଼ିକର ସୁରକ୍ଷା କରାଗଲେ ଉତ୍କଳୀୟ କଳା ସ୍ଥାପତ୍ୟ ବଞ୍ଚିରହିବ।

## ଲଙ୍ଗଳ ବେଣିଆ ଦୁର୍ଗରେ ପ୍ରାଚୀନ ଜଗନ୍ନାଥ ମନ୍ଦିର

ଗଞ୍ଜାମ ଜିଲ୍ଲାରେ ଅନେକ ଗଡ଼ଜାତ ଅଞ୍ଚଳ ରହିଛି। ତନ୍ମଧ୍ୟରୁ ଆଠଗଡ଼ ପାଟଣାର ଲଙ୍ଗଳ ବେଣିଆ ଦୁର୍ଗ ଅନ୍ୟତମ। ସ୍ଥାନୀୟ ଇତିହାସ ଓ ଲୋକକଥାକୁ ଆଧାର କରି ନିଶ୍ଚିତ କରାଯାଇଛି ଯେ, ଆଠଗଡ଼ ରାଜା ବିକ୍ରମ ସାମନ୍ତ ସିଂହାରଙ୍କ ପୁତ୍ର ଗୋପୀନାଥ ହରିଚନ୍ଦନ ଜଗଦ୍ଦେବ ଖ୍ରୀଷ୍ଟାବ୍ଦ ୧୫୫୫ ରେ ନୂତନ ଲଙ୍ଗଳ ବେଣିଆ ଦୁର୍ଗ ନିର୍ମାଣ କରିଥିଲେ। ଏହାପୂର୍ବରୁ ଖିଲାଡ଼ି ମୁଠା ଥିଲା ଆଠଗଡ଼ର ରାଜଧାନୀ। ଗୋପୀନାଥ ହରିଚନ୍ଦନଙ୍କ ସମୟରେ ମହାରାଜାଙ୍କ ଦେହରକ୍ଷୀ ରୂପେ ୧୨୦ ଜଣ ବାଘେଲ ବଂଶୀୟ ସୈନ୍ୟ ନିଯୁକ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଉପଯୁକ୍ତ ବିଦ୍ୱାନ ଯୋଦ୍ଧା ନାରାୟଣଙ୍କୁ ସର୍ଦ୍ଦାର ରୂପେ ନିଯୁକ୍ତ ଦେଇଥିଲେ। ସେହି ବୀର ଯୋଦ୍ଧା ନାରାୟଣ ଦୁର୍ଦ୍ଦାନ୍ତ କନ୍ଧ ଦୁଇଭାଇ ଲଙ୍ଗଳ ଓ ବେଣିଆଙ୍କୁ ହତ୍ୟାକରି ସେ ଅଞ୍ଚଳର ସୁଖଶାନ୍ତି ଫେରାଇ ଆଣିଥିଲେ। ଏବଂ ନୂତନ ଲଙ୍ଗଳ ବେଣିଆ ଦୁର୍ଗ ନିର୍ମାଣ କରିଥିଲେ। ମୃତ୍ୟୁ ପୂର୍ବରୁ ଉଭୟ କନ୍ଧ ଦୁଇଭାଇଙ୍କ ଅନୁରୋଧ କ୍ରମେ ତାଙ୍କରି ବଂଶଧରମାନେ ମାଆ ଭରାଣ୍ଡିଙ୍କୁ ପୂଜା କରିବେ ଏବଂ ଆମ ଦୁଇ ଭାଇଙ୍କ କଟା ମୁଣ୍ଡ ଗଡ଼ ଦ୍ୱାର ଦେଶରେ ସ୍ଥାପନ କରିବ। ରାଜା ତାହା ହିଁ କରିଥିଲେ। ଏବଂ ଦୁଇଟି ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ, ଯାହା ଏବେ ବି ଶୋଭା ପାଉଛି। ଆଠଗଡ଼ ରାଜାମାନେ ଧାର୍ମିକ ଥିଲେ। ସେଠାରେ ଗଡ଼ ନିକଟରେ ଏକ ଜଗନ୍ନାଥ ମନ୍ଦିରକୁ ୧୭୨୮ ଖ୍ରୀଷ୍ଟାବ୍ଦରେ ରାଜା ରଘୁନାଥ ହରିଚନ୍ଦନ ନିର୍ମାଣ କରିଥିଲେ। ଯାହା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ମନ୍ଦିରର ଶୀର୍ଷ ଦେଶରେ ନୀଳଚକ୍ରରେ ଗୋଲାକାରରେ ତିନୋଟି ଶ୍ଳୋକରେ ରାଜା ରଘୁନାଥ ହରିଚନ୍ଦନଙ୍କ ଯଶ ଗାନ କରାଯାଇଛି। ବାସୁଦେବ ରଥ ସୋମାଯାଜିଙ୍କ ଗଙ୍ଗ ବଂଶାନୁଚରିତରେ ଏହି ଶ୍ଳୋକ ତ୍ରୟ ଦେଖିବାକୁ ମିଳେ। ଗଡ଼ର ରାଜବାଟି ମଧ୍ୟ ଭଗ୍ନ ଅବସ୍ଥାରେ ରହିଛି। ଯେଉଁ ଦୁର୍ଗଟି ସମ୍ପୂର୍ଣ୍ଣ ମାଟି ତଳେ ନିର୍ମିତ ହୋଇଥିଲା। ମାଟିତଳେ ବଡ଼ ବଡ଼ କୋଠରି ରହିଥିଲା। ବର୍ତ୍ତମାନ ତାହା ଶ୍ୱାପଦ ସଙ୍କୁଳ ଓ ସରୀସୃପମାନଙ୍କ ବାସସ୍ଥାନ ହୋଇଛି। ଇଂରେଜ ସରକାର ଏହି ଗଡ଼କୁ ୧୭୬୯ ମଇ ମାସରେ ଅଧିକାର କରିଥିଲେ। ଆଠଗଡ଼ ରାଜ୍ୟଟି ୧୮୫୪ ମସିହା ଜୁଲାଇ ମାସ ୧୫ରେ ନିଲାମ ହୋଇଯିବାରୁ ରାଜା ରାଜ୍ୟ ପରିତ୍ୟାଗ କରି ଗଡ଼କୁ ଅଭିଶାପ ଦେଇଥିଲେ। ଏହି ଗଡ଼ରେ କେବଳ ପାଣି ପଥର ହିଁ ରହିବେ। ସେହିଦିନଠାରୁ ଏହା ଅବହେଳିତ ଅବସ୍ଥାରେ ଅଛି। ଗଡ଼ରେ ମାଆ କନକ ଦୁର୍ଗାଙ୍କ ମନ୍ଦିର, ପ୍ରସ୍ତର ନିର୍ମିତ ମୁକ୍ତେଶ୍ୱର ମନ୍ଦିର, ଖୋଲ ମହାଦେବ, ଭରାଣ୍ଡି ଠାକୁରାଣୀ, କବିସୂର୍ଯ୍ୟ ବଳଦେବ ରଥଙ୍କ ସ୍ମାରକୀ, ଭିତର ସାଗର, ବାହାର ସାଗର, ନୀଳକଣ୍ଠେଶ୍ୱର ମନ୍ଦିର ଆଦି ଦୃଶ୍ୟମାନ ହୁଏ। ଏଗୁଡ଼ିକର ସଂରକ୍ଷଣ ଏବଂ ରାଜବାଟୀର ପୁନରୁଦ୍ଧାର କରାଗଲେ ଐତିହ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସ୍ଥାନୀୟ ବାସିନ୍ଦା ମତ ଦିଅନ୍ତି।





## ଘୁମୁସର ରାଜବଂଶର ବିରଞ୍ଚି ନାରାୟଣ ମନ୍ଦିର

ଘୁମୁସର ରାଜବଂଶର ରାଜା ଶ୍ରୀକର ଭଞ୍ଜଙ୍କ ଦ୍ୱାରା ମଧ୍ୟ ଅନେକ ମଠ ମନ୍ଦିର, ପୁଷ୍କରିଣୀ, ବାନ୍ଧ ନିର୍ମାଣ କରାଯାଇଥିଲା। ସେ ପଞ୍ଚନାରାୟଣ ମନ୍ଦିର ପ୍ରତିଷ୍ଠା କରିଥିଲେ। ସେଥିମଧ୍ୟରୁ ବିରଞ୍ଚି ନାରାୟଣ ମନ୍ଦିର ଅନ୍ୟତମ। ଏହି ମନ୍ଦିରର ୧୮୨୨ରେ ନିର୍ମାଣ କରାଯାଇଥିଲା। ସୌର ଉପାସନାର କ୍ଷେତ୍ର ଭାବେ ଏହା ପରିଚିତ। ମୁଖ୍ୟ ବିଗ୍ରହ ରୂପେ ରାଜର୍ଷି ଶ୍ରୀକର ଭଞ୍ଜଙ୍କ ଦ୍ୱାରା ମାଳତୀ ଗଡ଼ ପର୍ବତରୁ ଆନୀତ ଶିଳା ବିଗ୍ରହ ପୂଜା ପାଉଛନ୍ତି। ବିଜେ ପ୍ରତିମା ଭାବେ ଗୋଟିଏ କାଷ୍ଠ ବିଗ୍ରହ ଓ ଗୋଟିଏ ଧାତୁ ବିଗ୍ରହ ରହିଛନ୍ତି। ଘୁମୁସର ଗଡ଼ଜାତ ରାଜ୍ୟର କେନ୍ଦୁପଦର ନିକଟସ୍ଥ ମାଳତୀ ପାହାଡ଼ରେ ଖ୍ରୀଷ୍ଟାବ୍ଦ ୮୫୦ରୁ ୮୮୫ ମଧ୍ୟରେ ମାଳତିଗଡ଼ ଦୁର୍ଗ ନିର୍ମିତ ହୋଇଥିଲା। କିନ୍ତୁ ସମୟକ୍ରମେ ଦୁର୍ଗଟି ନଷ୍ଟ ହୋଇଯାଇଥିଲା। ସେହି ଭଗ୍ନାବଶେଷ ମଧ୍ୟରେ ପୋତି ହୋଇ ରହିଥିବା ବିରଞ୍ଚି ନାରାୟଣଙ୍କ ପ୍ରତିମା ପରବର୍ତ୍ତୀ ସମୟରେ ଉଦ୍ଧାର କରାଯାଇ ଏହି ମନ୍ଦିରରେ ସ୍ଥାପିତ ହେଲା। ମନ୍ଦିରର ନିମ୍ନ ଭାଗ ପ୍ରସ୍ତରରେ ନିର୍ମିତ ହୋଇଥିଲା ବେଳେ ଛାତ ଭାଗ ତମ୍ବା ପଟାରେ ଆଚ୍ଛାଦିତ ହୋଇଛି। ଗ୍ରୀଷ୍ମ କାଳରେ ପକ୍ଷୀମାନଙ୍କୁ ତାହା ଆଘାତ ଦେବାରୁ, ତାହା ଉପରେ ଚୂନର ପ୍ରଲେପ ଦିଆଯାଇଛି। ମନ୍ଦିରର ଆଧାର ରୂପେ ୪୮ ଗୋଟି ସ୍ତମ୍ଭ ରହିଛି। ଭଦ୍ର ମଣ୍ଡପ ତଳେ ଶାଳକାଠରେ ନିର୍ମିତ କାରୁକାର୍ଯ୍ୟ ବିମଣ୍ଡିତ ପଣସୁଆ ଶୋଭାବର୍ଦ୍ଧନ କରୁଅଛି। ପ୍ରାଚୀର ବାହାରେ ଅରୁଣ ସ୍ତମ୍ଭ ଉପରେ ଅରୁଣ ପ୍ରଣତି ମୁଦ୍ରାରେ ବିରାଜମାନ। ଯାହାର ଉଚ୍ଚତା ପ୍ରାୟ ଚଉଦ ଫୁଟ। ମନ୍ଦିରର ଚତୁଃପାର୍ଶ୍ୱରେ ନାରିକେଳ, ପଣସ, ଚମ୍ପା, ପୁନାଗ, ସୁଗନ୍ଧରାଜ ଆଦି ବୃକ୍ଷ ରହିଛନ୍ତି। ମନ୍ଦିର କାନ୍ଥରେ ରାମଲୀଳା, କୃଷ୍ଣ ଲୀଳା କାହାଣୀର ଭିତ୍ତିଚିତ୍ରମାନ ଦେଖିବାକୁ ମିଳେ। କାଳର କରାଳ ଗର୍ଭରେ ସଂରକ୍ଷଣର ଅଭାବରୁ ଅନେକ ଚିତ୍ର ନିଶ୍ଚିହ୍ନ ହେବାକୁ ବସିଲାଣି। ଉପରି ଭାଗରେ ନିର୍ମିତ ସୁରମ୍ୟ କାଷ୍ଠ ଚାନ୍ଦୁଆର ବାମପାର୍ଶ୍ୱରେ ଦଶ ମହାବିଦ୍ୟା, ଦକ୍ଷିଣରେ ଇନ୍ଦ୍ରାଦି ଦଶ ଦିଗପାଳ, ପଶ୍ଚିମ ଭାଗରେ କୃଷ୍ଣ ଲୀଳା, ରାମାୟଣ, ମହାଭାରତର ଅନେକ କଥାବସ୍ତୁ, ଗର୍ଭଗୃହ କବାଟର ଉପର ଭାଗରେ ଅଷ୍ଟବସୁ, ନବଗ୍ରହ ଦୃଶ୍ୟମାନ ହୁଏ। କବାଟରେ ମଧ୍ୟ ଅନେକ ମୂର୍ତ୍ତି ଖୋଦିତ ହୋଇ ରହିଛି। ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ଅର୍ଥାଭାବ, ନଷ୍ଟ ହୋଇଯାଉଥିବା କାରୁକାର୍ଯ୍ୟର ମରାମତି ନ ହୋଇପାରିବା ଓ ଉଈ ଲାଗିଯିବା ଆଦି ଅନେକ କାରଣ ଏହି ମନ୍ଦିରର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିଛି। କିନ୍ତୁ ପର୍ଯ୍ୟଟନ ବିଭାଗ ତରଫରୁ ଯଦି ଏହି କାଷ୍ଠ କଳାକୃତିଗୁଡ଼ିକର ସୁରକ୍ଷା ହୋଇପାରନ୍ତା, ତେବେ ମନ୍ଦିରଟି ଆହୁରି ଦୀର୍ଘସ୍ଥାୟୀ ହୋଇପାରନ୍ତା। ମନ୍ଦିରର କାନ୍ଥରେ ରାମାୟଣରେ ବର୍ଣ୍ଣିତ ସୀତାଙ୍କ ସ୍ୱୟଂବର, ରାମଙ୍କ ହାତରେ ମାୟାମୃଗ ବଧ ହେବା, ସୀତା ହରଣ, ସମୁଦ୍ର ଉପରେ ବାନର ସେନାର ସେତୁ ନିର୍ମାଣ, ରାମ-ରାବଣ ଯୁଦ୍ଧ ଆଦିର ଚିତ୍ର ରହିଛି। ଆଉ ଏକ ଚିତ୍ରରେ ରାମ ଓ ଲକ୍ଷ୍ମଣ ଯୋଦ୍ଧାମାନଙ୍କୁ ପାଛୋଟିବାର ଦୃଶ୍ୟ ବର୍ଣ୍ଣିତ ହୋଇଛି। ମନ୍ଦିରର ପଶ୍ଚିମପାର୍ଶ୍ୱର କାନ୍ଥରେ କୃଷ୍ଣଲୀଳାର ସୁନ୍ଦର ଚିତ୍ର ଅଙ୍କିତ ହୋଇଛି। ଉତ୍ତର ପଟର କାନ୍ଥରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାର ଚିତ୍ର ଅଙ୍କିତ। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଅଧୀନରେ ଥିବା ଏହି ମନ୍ଦିରରେ ଭିତ୍ତିଚିତ୍ର ଗୁଡ଼ିକର ସୁରକ୍ଷା ଓ ପୁନରୁଦ୍ଧାର ହୋଇପାରିଲେ, ଏହା ଆହୁରି ଜନାଦୃତ ହୋଇପାରିବ।





ପରିଶେଷରେ ଏତିକି କୁହାଯାଇ ପାରେ ଯେ, ପ୍ରାଚୀନ ମନ୍ଦିର ତଥା ଭଗ୍ନ ମନ୍ଦିରର ସ୍ମାରକୀ ଓ ଐତିହ୍ୟଗୁଡ଼ିକୁ ସଂରକ୍ଷଣ କରି ପାରିଲେ ଆମ ଉତ୍କଳୀୟ ସ୍ଥାପତ୍ୟ କଳାର ବିକାଶ ହେବା ସହ ଐତିହାସିକ ତଥ୍ୟ ଲୋକଲୋଚନକୁ ଆସିପାରିବ। ■

ବୀର ଧନଞ୍ଜୟପୁର, ବୁଗୁଡ଼ା, ଗଞ୍ଜାମ

# ହୀରାଖଣ୍ଡ ସାମ୍ରାଜ୍ୟର ଜୀର୍ଣ୍ଣ ମନ୍ଦିର



ଡକ୍ଟର ଜଗଦୀଶ ମିଶ୍ର

ଦେବତା ବା ଇଷ୍ଟଙ୍କୁ ଉଚ୍ଚାସନ ଦେବାର ଅଭିପ୍ରାୟରୁ ହିଁ ମନ୍ଦିର ବା ଦେବାଳୟର ସୃଷ୍ଟି । ପ୍ରଥମେ କ୍ଷଣଭଙ୍ଗୁର ଓ ସମୟକ୍ରମେ ଦୀର୍ଘସ୍ଥାୟୀ ଦ୍ରବ୍ୟରେ ମନ୍ଦିରର ନିର୍ମାଣ ହୋଇଥିଲା । ପଶ୍ଚିମ ଓଡ଼ିଶାରେ ସୋମବଂଶୀ ଶାସକମାନେ ଏ କ୍ଷେତ୍ରରେ ଅଗ୍ରଣୀ ଥିଲେ ମଧ୍ୟ,ଅନ୍ୟାନ୍ୟ ରାଜବଂଶ ସ୍ୱତନ୍ତ୍ର ଭାବେ ଚୌହାନ ରାଜତ୍ୱ କାଳରେ ସବୁଠୁ ଅଧିକ ମନ୍ଦିର ନିର୍ମିତ ହୋଇଥିଲା । ପ୍ରାଚୀନ କାଳରେ ନିର୍ମିତ ଅନେକ ମନ୍ଦିର କାଳକ୍ରମେ ଭିନ୍ନ ଭିନ୍ନ କାରଣରୁ ଜରାଜୀର୍ଣ୍ଣ ଓ ଭଗ୍ନ ଅବସ୍ଥାରେ ପତିତ । କେଉଁ ମନ୍ଦିର ସମୟର ସ୍ରୋତରେ ପୃଷ୍ଠପୋଷକତାର ଅଭାବରେ ଜୀର୍ଣ୍ଣ ଓ ଭଗ୍ନ ହୋଇଯାଇଥିବା ବେଳେ ଅନ୍ୟ କେତେକ ମଣିଷକୃତ କାର୍ଯ୍ୟ ଓ ଅବହେଳା କାରଣରୁ ଜରାଜୀର୍ଣ୍ଣ ହୋଇପଡ଼ିଛି । ଏଭଳି ଜରାଜୀର୍ଣ୍ଣ ଓ ଭଗ୍ନ ମନ୍ଦିର ମଧ୍ୟରେ ବରଗଡ଼ ଓ ରାୟଗଡ଼ ଜିଲ୍ଲା ସୀମାରେ ଥିବା ପୂଜାରୀପାଲି, ଗୋଆଲତୀର୍ଥର ପୁରୁଣା ମନ୍ଦିର, ପଦ୍ମପୁରର ପଦ୍ମାସେନୀ ମନ୍ଦିର ଅନ୍ୟତମ ।

## ଜୀର୍ଣ୍ଣ ଜଗନ୍ନାଥ ମନ୍ଦିର

ବରଗଡ଼ ଜିଲ୍ଲାର ଭଟଲିର ଦକ୍ଷିଣରେ ଜୀରା ନଦୀ କୂଳରେ ରସାଲି ଗ୍ରାମ ବା ଗୋଆଲ ତୀର୍ଥ ଅବସ୍ଥିତ । ଏଠାରେ ମହାପ୍ରଭୁ ଜଗନ୍ନାଥଙ୍କର ମନ୍ଦିର ରହିଛି । ଜଗନ୍ନାଥଙ୍କର ମୂଳ ମନ୍ଦିର କେବେ ନିର୍ମିତ ହୋଇଥିଲା, ତା'ର ଯଥାର୍ଥ ଗବେଷଣା ଏ ପର୍ଯ୍ୟନ୍ତ ହୋଇପାରିନାହିଁ । ମାତ୍ର ଅଦ୍ୟାବଧି ଶ୍ରୀଜଗଜନ୍ନାଥଙ୍କର ଜୀର୍ଣ୍ଣଶୀର୍ଣ୍ଣ ମନ୍ଦିର ଦଣ୍ଡାୟମାନ । ଏହାରି ନିକଟରେ ଏକ ନୂତନ ଭବ୍ୟ ମନ୍ଦିର ୧୯୭୭ ମସିହାରେ ନିର୍ମାଣ ଆରମ୍ଭ ହୋଇ ୧୯୯୫ ମସିହାରେ ପରିସମାପ୍ତ ହୋଇଛି ।





## ପୂଜାରୀପାଲିର ଭଗ୍ନ ଶିବ ମନ୍ଦିର

ବରଗଡ଼-ଛତିଶଗଡ଼ ସୀମାରେ ଥିବା ପୂଜାରୀପାଲି ସୋମବଂଶୀ କାଳର ମନ୍ଦିର ପାଇଁ ପ୍ରସିଦ୍ଧ । ଏଠାରେ ଏବେ ମଧ୍ୟ ଗୋଟିଏ ଜୀର୍ଣ୍ଣ ଶିବ ମନ୍ଦିର, ଅର୍ଦ୍ଧଭଗ୍ନ ବିଷ୍ଣୁ ମନ୍ଦିର ଓ ଭଗ୍ନ ଶକ୍ତି ମନ୍ଦିର ମୂର୍ତ୍ତି ଦେଖିବାକୁ ମିଳେ । ଶିବ ଓ ବିଷ୍ଣୁ ମନ୍ଦିର ଇଟାରେ ନିର୍ମିତ ହୋଇଥିଲା । ଏହାର ଭଗ୍ନାବଶେଷ ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ଏହି ମନ୍ଦିର ଶ୍ରୀପୁରର ପ୍ରାଚୀନ ମନ୍ଦିର ସହିତ ସାମଞ୍ଜସ୍ୟ ରହିଛି । ବିଶେଷତଃ ଏଠାରେ ଥିବା ଅନନ୍ତଶାୟୀ ବିଷ୍ଣୁ ମୂର୍ତ୍ତିର ପାଦଦେଶରେ ଲକ୍ଷ୍ମୀ ଓ ସରସ୍ୱତୀ ଉଭୟେ ଆସୀନ, ଯାହା ଏହାର ପ୍ରାଚୀନତାକୁ ସୂଚିତ କରେ । ପୂଜାରୀପାଲି ବୈଷ୍ଣବ, ଶୈବ ଓ ଶାକ୍ତ ପନ୍ଥର ମିଳନ ସ୍ଥଳ ଥିଲା । ଅଧିକନ୍ତୁ ଏବେ ପୂଜା ପାଉଥିବା କାଳୀ ମୂର୍ତ୍ତି ଯିଏ ହସ୍ତରେ ଗଦା, ଖପୁରିମାଳା ଓ ଅକ୍ଷୟ ପାତ୍ର ଧରିଛନ୍ତି, ଆଦିବାସୀ କନ୍ଧ ଓ ବୈଗାଙ୍କ ଦ୍ୱାରା ପୂଜିତ ହେଉଛନ୍ତି । ତେଣୁ ଏହା ବୈଷ୍ଣବ ଓ ଶାକ୍ତ ପନ୍ଥ ସହିତ ଆଦିବାସୀ ସଂସ୍କୃତିର ଅପୂର୍ବ ମିଳନ ଘଟାଇଛି । ଏଠାରେ ଥିବା ଶିଳାଲେଖ ଏ ପର୍ଯ୍ୟନ୍ତ ଅବୁଝା ଓ ଅପଠିତ ।

ବରଗଡ଼ ଜିଲ୍ଲାର ଅମ୍ବଭୋନା ବ୍ଲକ୍‌ର ଲଖନପୁରରେ ଏକ ପ୍ରାଚୀନ ଜମିଦାରୀ ଥିଲା । ସମ୍ଭବତଃ ଏହା ଚୌହାନ୍ ରାଜତ୍ୱର ବହୁ ପୂର୍ବରୁ ଗଠିତ ହୋଇଥିଲା । ଏହି ଜମିଦାରୀ ଅନ୍ତର୍ଗତ ଚଣ୍ଡୀପାଲି ଗ୍ରାମରେ ଏକ ଚଣ୍ଡୀ ମନ୍ଦିର ରହିଛି । ଅଧିକନ୍ତୁ ମନ୍ଦିର ପରିସର ଅଞ୍ଚଳରେ ପଡ଼ି ରହିଥିବା ମନ୍ଦିରାଂଶର ବିଭିନ୍ନ ଭାସ୍କର୍ଯ୍ୟ ଏଠାରେ ଏକ ପ୍ରାଚୀନ ମନ୍ଦିର ରହିଥିବାର ଯଥେଷ୍ଟ ସୂଚନା ପ୍ରତୀୟ ହୁଏ । ବର୍ତ୍ତମାନର ଚଣ୍ଡୀ ମନ୍ଦିର ମରହଟ୍ଟା ଆକ୍ରମଣ ସମୟର ବୋଲି ପ୍ରତୀୟ ହୁଏ । ଏହାକୁ ସେମାନେ ତାଙ୍କର ଅସ୍ତ୍ରଶସ୍ତ୍ର ମହଜୁଦ୍ ରଖିବାର ସ୍ଥାନ ଭାବେ ବ୍ୟବହୃତ କରୁଥିଲେ । ସମ୍ଭବତଃ ଏଠାରେ ଥିବା ମନ୍ଦିରର ଜୀର୍ଣ୍ଣ ଅବସ୍ଥା ଯୋଗୁଁ ବର୍ତ୍ତମାନର ଚଣ୍ଡୀ ମନ୍ଦିର ପୁରୁଣା ମନ୍ଦିରର ବିଭିନ୍ନ ଦ୍ରବ୍ୟ ଉପଯୋଗ କରି ନିର୍ମାଣ କରିଥିବେ ।

## ମହାନଦୀରେ ବିଲୁପ୍ତ ମନ୍ଦିର

ପଦ୍ମପୁର ହୀରାଖଣ୍ଡ ସାମ୍ରାଜ୍ୟର ଏକ ଜମିଦାରୀ ଥିଲା । ଚୌହାନ ଶାସକ ରତନ ସିଂ ଏହାକୁ ପ୍ରତିଷ୍ଠା କରି ତାଙ୍କର ଦ୍ୱିତୀୟ ପୁତ୍ର ରଘୁନାଥ ସିଂଙ୍କୁ ଭରଣପୋଷଣ ପାଇଁ ପ୍ରଦାନ କରିଥିଲେ । କୁହାଯାଏ, ପ୍ରାଚୀନ କାଳରେ ଏହା ରାଜା ଇନ୍ଦ୍ରଭୂତିଙ୍କର ଶାସିତ ଅଞ୍ଚଳ ଥିଲା । ସେ ତାଙ୍କ ପୁତ୍ର ପଦ୍ମସମ୍ଭବଙ୍କ ନାମାନୁସାରେ ଏହି ପଦ୍ମପୁର ନଗର ସମ୍ବଲକ (ସମ୍ବଲପୁର) ନିକଟସ୍ଥ ମନଦ ନଦୀ (ମହାନଦୀ) କୂଳରେ ସ୍ଥାପନ କରିଥିଲେ । ଏଠାରେ ଇଷ୍ଟଦେବୀ ପଦ୍ମାସେନୀଙ୍କର ଏକ ମନ୍ଦିର ରହିଥିଲା । ୧୯୫୬ ମସିହାରେ ହୀରାକୁଦ ବନ୍ଧର ନିର୍ମାଣ ଶେଷ ସହିତ ଏହାର ପଛୁଆ ପାଣିରେ ପଦ୍ମପୁର ଜମିଦାରୀ ସହିତ ପଦ୍ମାସେନୀ ମନ୍ଦିର ଓ ନିକଟବର୍ତ୍ତୀ ମନ୍ଦିରଗୁଡ଼ିକ ପାଣିରେ ବୁଡ଼ିଗଲା । ଗ୍ରୀଷ୍ମ ଋତୁରେ ପାଣି ଶୁଖିଗଲେ ଏବେ ମଧ୍ୟ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ଦୃଷ୍ଟିଗୋଚର ହୁଏ । ଏହା ନିକଟବର୍ତ୍ତୀ ଅଞ୍ଚଳରେ ଆଉ ଏକ ମନ୍ଦିର ମଧ୍ୟ ଦୃଶ୍ୟମାନ ହୁଏ ।







ସମଗ୍ର ପଶ୍ଚିମ ଓଡ଼ିଶାରେ ଏଭଳି ଅନେକ ପ୍ରାଚୀନ ମନ୍ଦିର ରହିଛି, ଯେଉଁଗୁଡ଼ିକ ଅବହେଳା କାରଣରୁ ଜୀର୍ଣ୍ଣ ଓ ଭଗ୍ନ ଅବସ୍ଥାରେ ରହିଛି । ଉପରୋକ୍ତ ମନ୍ଦିରଗୁଡ଼ିକ କିଛି ଉଦାହରଣ ମାତ୍ର । ଏସବୁର ସଂରକ୍ଷଣ ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୟାସର ଆବଶ୍ୟକତା ରହିଛି । ■

ପ୍ରାଧ୍ୟାପକ, ଇତିହାସ ବିଭାଗ, ତ୍ରଷ୍ଟଫଣ୍ଡ କନିଷ୍ଠ ମହାବିଦ୍ୟାଳୟ, ବରଗଡ଼, ମୋ: ୭୯୭୮୪୩୪୪୮



## ବିଲୁପ୍ତ ମନ୍ଦିର

ନବମ ଶତାବ୍ଦୀର ମଧ୍ୟଭାଗରେ (ଖ୍ରୀ. ୮୫୦-୮୮୫) ରାଜୁତି କରୁଥିବା ସୋମବଂଶୀ ରାଜା ଜନ୍ମେଜୟ ମହାଭବଗୁପ୍ତ ଅବିଭକ୍ତ ବଲାଙ୍ଗିର ଜିଲ୍ଲାରେ ନିଜକୁ ପ୍ରତିଷ୍ଠିତ କରି ଅଙ୍ଗ-ମହାନଦୀ ଅବବାହିକା କରଗତ କରିଥିଲେ। ସୁବର୍ଣ୍ଣପୁର (ସୋନପୁର) ଦୀର୍ଘକାଳ ଧରି ସୋମବଂଶୀ ରାଜଧାନୀ ଥିଲା ଓ 'ପଟ୍ଟନ' (Trade center)ର ମାନ୍ୟତା ପ୍ରାପ୍ତ ହୋଇଥିଲା। ଜନ୍ମେଜୟଙ୍କ ତାମ୍ର ଅଭିଲେଖରୁ ଆମେ ତିନୋଟି ମନ୍ଦିରର ନାମୋଲ୍ଲେଖ ପାଇଥାଉଁ, ଯାହା ଏବେ ବିଲୁପ୍ତ। ସେଗୁଡ଼ିକ ଜଳଶୟନ ନାରାୟଣ (ବିଷ୍ଣୁ), କେଶବ (କୃଷ୍ଣ) ଓ ଆଦିତ୍ୟ (ସୂର୍ଯ୍ୟ) ଦେବଙ୍କ ଆରାଧନା ପାଇଁ ଉଦ୍ଦିଷ୍ଟ ଥିଲା। ଏହି ତିନୋଟି ମନ୍ଦିର ସମ୍ଭବତଃ ତେଲ-ମହାନଦୀର ସଙ୍ଗମ ସ୍ଥଳରେ ନିର୍ମିତ ହୋଇଥିଲା, ଯାହା ବନ୍ୟା ବିଭୀଷିକାରେ ନଦୀ ଗର୍ଭରେ ବିଲୀନ ହୋଇଯାଇଛି। ଏ ସ୍ଥଳରେ ଅବସ୍ଥିତ ରାମେଶ୍ୱର ମନ୍ଦିର ବେଢ଼ା ପରିସରରେ ନଦୀ ଗର୍ଭରୁ ପ୍ରାପ୍ତ କେତେକ ମୂର୍ତ୍ତି ସ୍ଥାନିତ ହୋଇଛି। ସେମଧ୍ୟରୁ କେତେକ ସୁନ୍ଦର କାରୁକାର୍ଯ୍ୟ ସମ୍ପନ୍ନ ଏକ ତ୍ରିବିକ୍ରମ ମୂର୍ତ୍ତି ପ୍ରଣିଧାନ୍ୟଯୋଗ୍ୟ। ଏହି ମୂର୍ତ୍ତିଟି କୌଣସି ଏକ ବିଷ୍ଣୁ ମନ୍ଦିରର ପାର୍ଶ୍ୱ ଦେବତା ଭଳି ମନେ ହୁଅନ୍ତି। ଏହାଛଡ଼ା ରାମେଶ୍ୱର ମନ୍ଦିର ଓ ତେଲନଦୀ ତୀରବର୍ତ୍ତୀ ସୁବର୍ଣ୍ଣମେରୁ ମନ୍ଦିରର ଗର୍ଭଗୃହସ୍ଥ ଦ୍ୱାରବନ୍ଧର ଉପର ଭାଗରେ ଅନନ୍ତଶାୟୀ ବିଷ୍ଣୁଙ୍କ ଫଳକରୁ ମଧ୍ୟ ଅନୁମେୟ ଯେ, ସେଗୁଡ଼ିକ କୌଣସି ଭଗ୍ନ ବିଷ୍ଣୁ ମନ୍ଦିରରୁ ସଂଗୃହୀତ ହୋଇ ପରବର୍ତ୍ତୀ କାଳରେ ମନ୍ଦିରଗୁଡ଼ିକରେ ସଂଯୋଜିତ ହୋଇଛି।

ସୁବର୍ଣ୍ଣପୁରର ବିଲୁପ୍ତ ବା ଭଗ୍ନ ମନ୍ଦିରଗୁଡ଼ିକର କ୍ଷୟକ୍ଷତି ମାନବକୃତ ନୁହେଁ, ବରଂ ପ୍ରାକୃତିକ। ଖରସ୍ରୋତ ଉଭୟ ତେଲ ଓ ମହାନଦୀର ବନ୍ୟାଜଳ କୂଳ ପ୍ଲାବନ କରି ଏଗୁଡ଼ିକର କ୍ଷତିସାଧନ କରିଥିବା ଇତିହାସସମ୍ମତ। ବିଂଶ ଶତାବ୍ଦୀର ଷଷ୍ଠ ଦଶକ ପର୍ଯ୍ୟନ୍ତ ତିଷ୍ଠି ରହିଥିବା ତେଲ ନଦୀ ଦକ୍ଷିଣ ତୀରବର୍ତ୍ତୀ ମୁଖଶାଳ-ବିହୀନ (ମହା) କାଳେଶ୍ୱର ମନ୍ଦିର ୧୯୬୭ ମସିହାରେ ପ୍ରଳୟଙ୍କରୀ ବନ୍ୟାରେ ନଦୀଗର୍ଭରେ ବିଲୀନ ହୋଇଥିବା ସର୍ବଜନବିଦିତ। ପଞ୍ଚାୟତନ ଶୈଳୀରେ ନିର୍ମିତ ଏଇ ମନ୍ଦିର ସ୍ଥାପତ୍ୟକଳା ଦୃଷ୍ଟିରୁ ଭୁବନେଶ୍ୱରର ରାଜରାଣୀ ମନ୍ଦିରର ସ୍ଥାପତ୍ୟ ସହିତ ତୁଳନୀୟ ଥିଲା। ସୋନପୁର ଦରବାରରେ କାର୍ଯ୍ୟରତ ତତ୍କାଳୀନ ବିଶିଷ୍ଟ ଐତିହାସିକ ବିଜୟ ଚନ୍ଦ୍ର ମଜୁମଦାର ଏହି ମନ୍ଦିରର ଏକ ଆଲୋକଚିତ୍ର ତାଙ୍କ ରଚିତ ପୁସ୍ତକ 'Orissa in the Making (1925)ରେ ସ୍ଥାନିତ କରିଥିଲେ।

ମନ୍ଦିର ଆମ ଧାର୍ମିକ ଆସ୍ଥାର ପ୍ରତୀକ, ଆମ ଆରାଧ୍ୟ ଦେବତାଙ୍କ ନିବାସସ୍ଥଳୀ। ମନ୍ଦିର ଓ ଏହାର ପରିସର ଦେବ-ପୀଠ ଭାବରେ ଆମ ପାଇଁ ପୂତ-ପବିତ୍ର। ଏହା ଆମ ସଂସ୍କୃତି ଓ ଧାର୍ମିକ ପରମ୍ପରାର ସ୍ମାରକୀ। ଓଡ଼ିଶାରେ ସପ୍ତମରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ମନ୍ଦିର ସ୍ଥାପତ୍ୟର କ୍ରମବିକାଶ ଘଟିଥିଲା। ନବମ-ଦଶମ ଶତାବ୍ଦୀରେ ଦକ୍ଷିଣ କୋଶଳରେ ସୋମବଂଶୀ ଶାସକମାନେ ମନ୍ଦିର ନିର୍ମାଣର ଭିତ୍ତିସ୍ଥାପନ କରିଥିଲେ। ମହାନଦୀର ପ୍ରବାହ ସହ ସମତାଳରେ ସଂସ୍କୃତିର ପ୍ରବାହ କୋଶଳାଞ୍ଚଳରୁ ଉପକୂଳ ଉତ୍କଳ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା। ରାୟପୁରର ଶିରପୁରଠାରୁ ଆରମ୍ଭ କରି କଟକ-ଭୁବନେଶ୍ୱର ପର୍ଯ୍ୟନ୍ତ ମହାନଦୀ ତୀରବର୍ତ୍ତୀ ଅଞ୍ଚଳରେ ଅସଂଖ୍ୟ ମନ୍ଦିର ନିର୍ମାଣ ଏସମୟରେ ସଂଗଠିତ ହୋଇଥିଲା। ସୋମବଂଶୀମାନେ ସେମାନଙ୍କ ସମସାମୟିକ ଭୌମ ଏବଂ ଭଞ୍ଜ ଶାସକମାନଙ୍କୁ ଏ ଦିଗରେ ଅତିକ୍ରମ କରି ଯାଇଥିଲେ।

# ସମୟର ସଂଘାତରେ ସୁବର୍ଣ୍ଣପୁରର ଐତିହ୍ୟ ପୀଠ



ଡକ୍ଟର ରାମେଶ୍ୱର ନାଏକ

## ବୈଦ୍ୟନାଥର କୋଶଳେଶ୍ୱର ମନ୍ଦିର



କାଳେଶ୍ୱର ମନ୍ଦିରର ଠିକ୍ ଅପର ପାର୍ଶ୍ୱରେ ତେଲ ନଦୀ କୂଳରେ ଅବସ୍ଥିତ କୋଶଳେଶ୍ୱର ମନ୍ଦିର। ମନ୍ଦିରଟି ସୋନପୁର-ବଲାଙ୍ଗିର ମୁଖ୍ୟ ରାସ୍ତାର ହରଡ଼ଖୋଲ ଛକଠାରୁ ବାମପାର୍ଶ୍ୱରେ ଚାରି କିଲୋମିଟର ଦୂରସ୍ଥ ନଦୀତଟ ଗ୍ରାମ ବୈଦ୍ୟନାଥଠାରେ ଅବସ୍ଥିତ। ସଂପ୍ରତି କୋଶଳେଶ୍ୱର ଭାବରେ ନାମିତ ହେଲେ ସୁଦ୍ଧା, ସୁବର୍ଣ୍ଣପୁରରେ ରାଜୁତି କରିଥିବା ତେଲୁଗୁ ଚୋଡ଼ (ଏକାଦଶ-ଦ୍ୱାଦଶ ଶତାବ୍ଦୀ) ଓ ଗଙ୍ଗ (ତ୍ରୟୋଦଶ ଶତାବ୍ଦୀ) ରାଜାମାନଙ୍କ ଅଭିଲେଖଗୁଡ଼ିକରେ ମନ୍ଦିରର ଅଧିଷ୍ଠାତା ଦେବତାଙ୍କୁ ବୈଦ୍ୟନାଥ (ଶିବ) ଭାବରେ ନାମିତ କରାହୋଇଛି। ତାଙ୍କ ନାମାନୁସାରେ ଗ୍ରାମଟି ମଧ୍ୟ ନାମିତ। ସମୟର ସଂଘାତରେ ମନ୍ଦିରର ବିମାନ (ଗର୍ଭଗୃହ) ଧ୍ୱଂସପ୍ରାପ୍ତ ହୋଇଥିବାରୁ ସୋନପୁର ମହାରାଜା ବୀର ମିତ୍ରୋଦୟ ସିଂଦେଓ ନିଜ ରାଜତ୍ୱ କାଳ (ଖ୍ରୀ ୧୯୦୨-୩୭)ରେ ନୂତନ ଗର୍ଭଗୃହ ନିର୍ମାଣ ପୂର୍ବକ ମଣ୍ଡପଟିର ମଧ୍ୟ ପୁନରୁଦ୍ଧାର କରିଥିଲେ।

ମନ୍ଦିରର ମୂଳବର୍ଗାକାର ମୁଖଶାଳାର ମଣ୍ଡପରେ ଅନେକ ପ୍ରସ୍ତର ତଥା ପୋଡ଼ାମାଟି (Terracotta)ରେ ନିର୍ମିତ ମୂର୍ତ୍ତି ସଜ୍ଜିତ ହୋଇଛନ୍ତି। ଦର୍ପଣ ହସ୍ତରେ ଅଭିସାରିକା, ଆଲିଙ୍ଗନବଦ୍ଧ ପ୍ରେମୀ ଯୁଗଳ, ସନ୍ତାନବତ୍ସଳା ଜନନୀ, ଉଡ଼ନ୍ତା ଗନ୍ଧର୍ବ ଓ ଅପ୍ସରା, ଅଳସ କନ୍ୟା, ନାଗସ୍ତମ୍ଭ, ଅର୍ଦ୍ଧନାରୀଶ୍ୱର, ଗଣେଶ, କାର୍ତ୍ତିକେୟ, ଶିବ-ପାର୍ବତୀ, ଗଣଦେବତା, ନାଗ ଦେବତା, ବିଦ୍ୟାଧର ଆଦି ମୂର୍ତ୍ତିଗୁଡ଼ିକର ଭାସ୍କର୍ଯ୍ୟ ଖୁବ୍ ଚିତ୍ତାକର୍ଷକ। ପ୍ରଣିଧାନର ବିଷୟ ଯେ, କେତେକ ଫଳକରେ ଗ୍ରାମୀଣ ଜୀବନର ଦୃଶ୍ୟ ମଧ୍ୟ ପ୍ରଦର୍ଶିତ ହୋଇଛି।

ଚାର୍ଲସ୍ ଫେବ୍ରିଙ୍କ ଭଳି କେତେଜଣ ଐତିହାସିକଙ୍କ ମତରେ ବୈଦ୍ୟନାଥ ମନ୍ଦିରର ଉକ୍ତ ମଣ୍ଡପ ମୂଳତଃ ଏକ ବୌଦ୍ଧ ବିହାର ଥିଲା, ଯାହା ପରବର୍ତ୍ତୀ କାଳରେ ଏକ ଶିବାଳୟରେ ରୂପାନ୍ତରିତ ହୋଇଛି। ଲୋକମୁଖରେ ପ୍ରଚଳିତ ଗ୍ରାମର ନାମ 'ଛତାପିପଲ୍ ବଜ୍ରନାଥ' କୌଣସି ଶ୍ରମଣ ସଂପ୍ରଦାୟ ଆଡ଼କୁ ଇଙ୍ଗିତ କରି ଏ ସମ୍ଭାବନାକୁ ବଳବତ୍ତର କରିଥାଏ। ଭଗ୍ନମନ୍ଦିରର ପୁନରୁଦ୍ଧାର ହୋଇ କୋଶଳେଶ୍ୱର ବୈଦ୍ୟନାଥ ମନ୍ଦିରରେ ଅଧୁନା ଦୈନନ୍ଦିନ ପୂଜାର୍ଚ୍ଚନା ହେଉଥିବାରୁ ଏହା ଜୀବନ୍ତ ମନ୍ଦିର (Living Temple)ର ପର୍ଯ୍ୟାୟଭୁକ୍ତ।



## ଖଣ୍ଡିଆ ଦେଉଳ

ସୋନପୁରଠାରୁ ମହାନଦୀ ଗର୍ଭରେ ପ୍ରାୟ ୬ କିମି ପୂର୍ବକୁ ଏକ ପ୍ରସ୍ତର ଶ୍ରେଣୀ ଉପରେ ନିର୍ମିତ ଏଇ ମନ୍ଦିର। ଶିଖର ନଥିବାରୁ ଏହା ଲୋକମୁଖର ଖଣ୍ଡିଆ ଦେଉଳ ନାମରେ ନାମିତ। ମନ୍ଦିରଟି କେବଳ ଖୋଲା ଗର୍ଭଗୃହ ବିଶିଷ୍ଟ ଓ ଏହାର ଦ୍ୱାର ସଂଲଗ୍ନ ହୋଇ ରହିଛି ମୁଖଶାଳାର ଏକ ଆକୃତି। ଏହା ଓଜନଦାର ଅମସୃଣ ବଡ଼ ବଡ଼ ପଥରରେ ନିର୍ମିତ। ଖୋଲା ଗର୍ଭଗୃହ ଭିତରେ ପ୍ରସ୍ତରାକୃତି ଦେବୀ ବିରାଜିତା। ଅନତିଦୂରରେ ମହାନଦୀ ଉତ୍ତର ତୀରରେ ଅବସ୍ଥିତ ବୀରମହାରାଜପୁର ତହସିଲ ଅନ୍ତର୍ଗତ ଗ୍ରାମ ଆପଟ ନୂଆଗଡ଼। ଖଣ୍ଡିଆ ଦେଉଳ ସମ୍ମୁଖରେ ରହିଥିବା କେତେକ ପ୍ରତ୍ନତାତ୍ତ୍ୱିକ ଅବଶେଷ (ବେଦିକା ଉପରିସ୍ଥ ବୃଷଭ ମୂର୍ତ୍ତି ଆଦି)କୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ମୂଳତଃ ଏହା ଏକ ଶିବ ମନ୍ଦିର ଥିଲା। ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଅଥବା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଏହାର ଶିଖର ଖଣ୍ଡିତ ହେବାପରେ ସମ୍ଭବତଃ ମନ୍ଦିରଟି ପରିତ୍ୟକ୍ତ ହେଲା। ପରବର୍ତ୍ତି କାଳରେ ଧୀବର ଶ୍ରେଣୀର ଲୋକେ ଏହାର ଗର୍ଭଗୃହରେ ପ୍ରସ୍ତରାକୃତି ଦେବୀଙ୍କୁ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିବା ମନେହୁଏ। ନୌଯାତ୍ରୀ ତଥା ମତ୍ସ୍ୟଜୀବୀ ଦେବୀଙ୍କ ପାଖରେ ନିଜ ଯାତ୍ରା/ଜୀବିକାର ସୁମନାସ କରି ଆଶିଷ ଭିକ୍ଷା କରିବା ପାଇଁ ମନ୍ଦିରଟି ଉଦ୍ଦିଷ୍ଟ। ମନ୍ଦିରଟିରେ ସାମୟିକ ପୂଜାର୍ଚ୍ଚନା ହେଉଛି। ■

ଅବସରପ୍ରାପ୍ତ ଇତିହାସ ପ୍ରାଧ୍ୟାପକ ତଥା ପ୍ରାକ୍ତନ ଅଧ୍ୟକ୍ଷ, ମୁଁ/ପୋ:ରାମପୁର, ଜି: ସୁବର୍ଣ୍ଣପୁର

# ଜଙ୍ଗଲରେ ୧୩ ଶହ ବର୍ଷ ପୁରୁଣା ମନ୍ଦିରର ଭଗ୍ନାବଶେଷ



ଅନୀଲ କୁମାର ପଣ୍ଡା, ନୟାଗଡ଼



ଗହନ ବନରେ ମନ୍ଦିରର ଭଗ୍ନାବଶେଷ । ଏଣେତେଣେ ପଡ଼ି ରହିଛି ମନ୍ଦିରର ଭଙ୍ଗା ଅଂଶ । ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିରୁ ଝଲସୁଛି ପୁରାତନ କାରୁକାର୍ଯ୍ୟ । ଭଙ୍ଗା ଅଁଳାବେଢ଼ାକୁ ଦେଖିଲେ ଜଣାପଡୁଛି ବିଶାଳତା । ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ବନ୍ଧମୁଣ୍ଡା ପଞ୍ଚାୟତ ଶଙ୍ଖଯୋଡ଼ି ନିକଟ ରିଜର୍ଭ ଫରେଷ୍ଟ ଅଗନାଅଗନି ବନସ୍ତରେ ରହିଛି ଏହି ପୁରାତନ ଶୈବ ପୀଠ ଗଙ୍ଗେଶ୍ୱର । ଏବେ ଭଙ୍ଗା ପଥର ପାଲଟି ଯାଇଥିବା ମନ୍ଦିରର ବିଭିନ୍ନ କାରୁକାର୍ଯ୍ୟ ବଖାଣୁଛି ନିଜ ଇତିହାସ । ମନ୍ଦିରର ଗଠନ ଏବଂ ନିର୍ମାଣ ଶୈଳୀକୁ ଦେଖିଲେ ଏହା ଏକ ଶୈବ ପୀଠ ଭଳି ପ୍ରତୀୟମାନ ହେଉଛି । ମନ୍ଦିରଟି ପାଖାପାଖି ୧୩ ଶହ ବର୍ଷ ପୁରୁଣା ହେବ ବୋଲି ଅନୁମାନ କରାଯାଉଛି । କାହିଁ କେଉଁ କାଳରୁ ମନ୍ଦିରଟି ଭାଙ୍ଗିରୁଜି ଚୂରମାର ହୋଇଯାଇଛି । ଷଷ୍ଠ ଖ୍ରୀଷ୍ଟାବ୍ଦରେ ନିର୍ମିତ ଏହି ଶୈବ ମନ୍ଦିର ୧୩ ଶହ ଖ୍ରୀଷ୍ଟାବ୍ଦରେ ଭାଙ୍ଗି ଯାଇଥିବା କୁହାଯାଉଛି । ପାଖଆଖରେ ଏକ ସଭ୍ୟ ମାନବ ସଭ୍ୟତା ଥିବା ଓ ବିଧର୍ମୀ କଳାପାହାଡ଼ ଏହାକୁ ଭାଙ୍ଗିଥିବା କୁହାଯାଉଛି । ତେବେ କଳାପାହାଡ଼ ଭାଙ୍ଗିଛି କି ଅନ୍ୟ କିଛି କାରଣରୁ ଏହା ନଷ୍ଟ ହୋଇଯାଇଛି, ପ୍ରତ୍ନତତ୍ତ୍ୱ ବିଭାଗ ଅନୁସନ୍ଧାନ କଲେ ସ୍ପଷ୍ଟ ହେବ । ଏପରିକି ଏହି ଭଙ୍ଗା ମନ୍ଦିରକୁ ରଣପୁରଗଡ଼ର ରାଜା ଶ୍ରୀ ଗଙ୍ଗ ନରେନ୍ଦ୍ର ଦେବ ପୁନଃଉଦ୍ଧାର କରିଥିବା ମଧ୍ୟ ସ୍ଥାନୀୟ ଲୋକେ କୁହନ୍ତି । ଏବେ ବି ଘଞ୍ଚ ଜଙ୍ଗଲରେ ମନ୍ଦିରର ଅନେକ ଅଂଶ ପଡ଼ିରହିଛି । ମନ୍ଦିରର କାରିଗରୀ ଏହାର ବିଶାଳତାକୁ ବଖାଣୁଛି । ସ୍ଥାନୀୟ ଲୋକେ ଏଣେତେଣେ ପଡ଼ିଥିବା ମନ୍ଦିରର ଭଗ୍ନାବଶେଷକୁ ଉଦ୍ଧାର ପାଇଁ ଚେଷ୍ଟା କରିଛନ୍ତି । ଏହାସହ ପାତାଳଫୁଟା ଶିବଲିଙ୍ଗ ସମେତ ପୁରାତନ ମନ୍ଦିରର ପାର୍ଶ୍ୱ ଦେବଦେବୀଙ୍କୁ ପୂଜାର୍ଚ୍ଚନା ମଧ୍ୟ କରୁଛନ୍ତି । ମନ୍ଦିରକୁ ନେଇ ଲୋକଙ୍କ ମନରେ ଅଗାଧ ବିଶ୍ୱାସ ରହିଛି । ଏଠାରେ ବହୁ ସମୟରେ ଅଲୌକିକ ଘଟଣାମାନ ଘଟୁଥିବା ସ୍ଥାନୀୟ ଲୋକେ କୁହନ୍ତି । ମନ୍ଦିରକୁ ପୁନଃଉଦ୍ଧାର କରାଯିବା ପାଇଁ ଦାବି ହେବା ସହ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏହାର ଅନୁସନ୍ଧାନ କଲେ ପୀଠର ପ୍ରାଚୀନତାକୁ ନେଇ ଲୁକ୍କାୟିତ ବହୁ ତଥ୍ୟ ପଦାକୁ ଆସିପାରିବ । ଗଙ୍ଗେଶ୍ୱର ବାବାଙ୍କ ପାଖରେ ଅଧିଆ ପଡ଼ି ଗୁହାରି କଲେ ମାନସିକ ନିଶ୍ଚିତ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି । ସେତିକି ନୁହେଁ, ରାତି ହେଉ କି ଦିନ, ବାବାଙ୍କୁ ମୁଣ୍ଡିଆଟେ ମାରି ଚାଲିଗଲେ ଜଙ୍ଗଲ ମଧ୍ୟରେ କୌଣସି ହିଂସ୍ର ଜନ୍ତୁ ଆକ୍ରମଣ କରିନଥାନ୍ତି ବୋଲି ଲୋକେ କୁହନ୍ତି । ବିଶେଷ କରି ଜାଗର ସମୟରେ ଗଙ୍ଗଶ୍ୱରଙ୍କ ପୀଠରେ ପ୍ରବଳ ଭିଡ଼ ଲାଗିଥାଏ । ଦୂରଦୂରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ଆସି ବାବାଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥାନ୍ତି ।



## ମହାନଦୀ ଗର୍ଭରେ ଗୋପୀନାଥ ମନ୍ଦିର



ମହାନଦୀରୁ ପାଣି ଶୁଖିବା ପରେ ଦେଖାଯାଏ ଗୋପୀନାଥ ମନ୍ଦିର ଚୂଡ଼ା । ଯେଉଁ ମହାନଦୀ ଓଡ଼ିଶାର ପ୍ରଗତିର ସାରଥି, ସେହି ମହାନଦୀ କେତେ ଯେ ଐତିହ୍ୟ ସମ୍ପନ୍ନ ଗାଁକୁ ତା'ର କରାଳ ସ୍ରୋତରେ ଲୀନ କରି ଦେଇଛି ତା'ର କିଛି ହିସାବ ନାହିଁ। ସେହିଭଳି ଲୀନ ହୋଇଯାଇଥିବା ଏକ ଗାଁ ହେଲା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ର ପୁରୁଣା ପଦ୍ମାବତୀ ଗ୍ରାମ। ଓଡ଼ିଶାର ନୌବାଣିଜ୍ୟ ତଥା ନଦୀ ସଂସ୍କୃତି କଥା ଆଲୋଚନା କରିବା ସମୟରେ ପ୍ରଥମେ ପଦ୍ମାବତୀ ଗାଁ କଥା ଆସିବ । ପଦ୍ମାବତୀ ଗ୍ରାମର ତୈଳିକ ମହାଜନମାନେ ପଶ୍ଚିମରେ ସମ୍ବଲପୁର, ସୋନପୁରଠାରୁ ଆରମ୍ଭ କରି ପୂର୍ବରେ କଟକ ଜଗତସିଂହପୁର ପର୍ଯ୍ୟନ୍ତ ସେମାନଙ୍କ ବେପାରବଣିଜ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ମାତ୍ର ୧୯୩୧ ମସିହାରୁ ୧୯୩୩ ମସିହା ମଧ୍ୟରେ ମହାନଦୀ ଗର୍ଭରେ ଏହି ଗ୍ରାମଟି ସମ୍ପୂର୍ଣ୍ଣ ଲୀନ ହୋଇ ଯାଇଥିଲା । ମହାନଦୀ କୂଳଖାଇବା ଆରମ୍ଭ କରିବା ଦେଖି ଏହି ଗ୍ରାମର ଲୋକମାନେ ରଗଡ଼ିପଡ଼ା, ଝଗଡ଼ପଡ଼ା, ଶାସନ, ହେମନ୍ତପାଟଣା, ଉଲୁଣ୍ଡା, ଶଙ୍ଖାମେରି, କୁସଙ୍ଗ ଘଣ୍ଟାପଡ଼ା ଅଞ୍ଚଳରେ ଯାଇ ବସତି ସ୍ଥାପନ କରିଥିଲେ। ଯେଉଁମାନେ ରହିଲେ ସେମାନେ ପାହାଡ଼ ନିକଟରେ ଥିବା କୋଚିଲା ବୋରେହିକୁ କାଟି ବସତି ସ୍ଥାପନ କରିଥିଲେ, ଯାହା ଏବେ ବୋରେହି ଗ୍ରାମ ତଥା ନୂଆ ପଦ୍ମାବତୀ ଭାବେ ପରିଚିତ। ପୂର୍ବରୁ ଅଷ୍ଟପାଟକର ଲୋକମାନେ ଏହି ଗ୍ରାମରେ ରହୁଥିବା ବେଳେ ଏବେ ତୈଳିକ ଓ କୈବର୍ତ୍ତ ଜାତିର ଲୋକମାନେ ରହୁଛନ୍ତି । ତୈଳିକ ମହାଜନମାନେ ଧାନ, ଚାଉଳ, ଗୁଡ଼, ମୁଗ, ବିରି, ଓ ହାତବୁଣା ଲୁଗା ନେଇ ବିକ୍ରି କରୁଥିଲେ ଓ ଫେରିବା ବେଳକୁ କଟକ ମାଲ ଗୋଦାମରୁ ଜିନିଷ ଆଣି ଆସୁଥିଲେ। ଏହି ଗ୍ରାମର ଆରାଧ୍ୟ ଦେବତା ଗୋପୀନାଥଦେବ ମନ୍ଦିରର ଚୂଡ଼ା ଅଂଶ ମହାନଦୀର ଜଳ କମିଗଲେ ଅକ୍ଷତ ଭାବେ ଦୃଶ୍ୟମାନ ହୁଏ । ଯାହାକୁ ପୁନରୁଦ୍ଧାର କରିବା ସହ ଏହି ସ୍ଥାନକୁ ଏକ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଗଣିତ କରିବାକୁ ଦାବି ହେଉଛି ।



# ହରିପୁରଗଡ଼ର ଭଗ୍ନ ରସିକରାୟ ମନ୍ଦିର

ମୟୂରଭଞ୍ଜ ଜିଲ୍ଲାର ବାରିପଦାରୁ ଦକ୍ଷିଣକୁ ୨୭ କିମି ଓ ବଡ଼ସାହିଠାରୁ ପଶ୍ଚିମକୁ ୧୦ କିମି ଦୂରରେ ଅବସ୍ଥିତ ରସକରାୟ ମନ୍ଦିର। ବିଲୁପ୍ତ ହେବାକୁ ବସିଥିବା ମୟୂରଭଞ୍ଜ ଜିଲ୍ଲାର ହରିପୁରଗଡ଼ର ଏହି ମନ୍ଦିର ଏବେ ମୂକସାକ୍ଷୀ। ନା ଏଠାରେ ଅଛନ୍ତି ଠାକୁର। ନା ହେଉଛି ପୂଜା। ତେବେ ଏହାକୁ ଦେଖିବାକୁ ଦୈନିକ ପର୍ଯ୍ୟଟକଙ୍କ ଭିଡ଼ ଲାଗୁଛି।

**ମନୋଜ ପଣ୍ଡା**, ବାରିପଦା



## ମୟୂରଭଞ୍ଜ ଇତିହାସର ମୂକସାକ୍ଷୀ

### ରସିକରାୟ ମନ୍ଦିର

ରସିକରାୟ ମନ୍ଦିରର ଇତିହାସ ଅନନ୍ୟ। ମହାରାଜା ବୈଦ୍ୟନାଥ ଭଞ୍ଜ ବୈଷ୍ଣବ ଧର୍ମରେ ଦୀକ୍ଷିତ ହେବା ପରେ ହରିପୁରଗଡ଼ର ବାମପାର୍ଶ୍ୱରେ ସ୍ୱତନ୍ତ୍ର ଇଟାରେ ଏକ ରସିକରାୟ ମନ୍ଦିର ନିର୍ମାଣ କରିଥିଲେ। ଯେଉଁ ଇଟା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ। ମନ୍ଦିରର କାରୁକାର୍ଯ୍ୟ ଅତି ଉଚ୍ଚକୋଟୀର। ରକ୍ଷଣାବେକ୍ଷଣ ଅଭାବରୁ ଏହା ଧ୍ୱଂସାଭିମୁଖୀ। ତେବେ ପ୍ରତ୍ୟେକ ପର୍ଯ୍ୟଟକ ମନ୍ଦିର ସହିତ ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଛନ୍ତି। ବହୁ ଓଡ଼ିଆ ଓ ବିଭିନ୍ନ ଭାଷାର ଚଳଚ୍ଚିତ୍ର, ସିରିଏଲ୍ ସୁଟିଂରେ ମନ୍ଦିର ସ୍ଥାନ ପାଉଛି। ଈଶ୍ୱର ବିଶ୍ୱାସୀ ଭଞ୍ଜ ପରିବାର ଗଡ଼ ପରିସରରେ ଏହି ମନ୍ଦିର ବ୍ୟତୀତ ଜଗନ୍ନାଥ ତଥା ବିଭିନ୍ନ ଦେବଦେବୀଙ୍କ ମନ୍ଦିର ନିର୍ମାଣ କରିଥିଲେ। ରସିକରାୟ ମନ୍ଦିର ହରିପୁରଗଡ଼ର ମୁଖ୍ୟ ଆକର୍ଷଣ। ଏହି ଗଡ଼ ଏକଦା ଥିଲା ଗଡ଼ଜାତ ମୟୂରଭଞ୍ଜର ରାଜଧାନୀ। ମୟୂରଭଞ୍ଜ ରାଜତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଏହି ଗଡ଼ର କିଛି ଭଙ୍ଗା ଇଟା, ପଥର ଦୃଶ୍ୟମାନ ହୁଏ। ୨୫ ଏକର ବିଶିଷ୍ଟ ଖୋଲା ସ୍ଥାନ ଏକଦା ମୟୂରଭଞ୍ଜର ରାଜଧାନୀ ଥିଲା। ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଉଦ୍ୟମରେ ୧୩୨୨ ଶକାବ୍ଦରେ ନିର୍ମିତ ଏହି ଗଡ଼ର ସାମାନ୍ୟତମ ଅଂଶ ଖୋଳାଯାଇଥିବା ବେଳେ କିଛି ବିରଳ କୀର୍ତ୍ତିରାଜି ବିଭାଗ ପକ୍ଷରୁ ସଂଗୃହୀତ ହୋଇଛି। ଇତିହାସରେ ଜଣାପଡ଼େ ଯେ, ୧୩୬୧ ଶକାବ୍ଦରେ ମୋଗଲ ରାଜା ଫିରୋଜ ଶାହ ତୋଗଲ ରାଜଧାନୀ ଖିଚିଂକୋଟ ଆକ୍ରମଣ କରିବା ପରେ ମୟୂରଭଞ୍ଜ ଗଡ଼ଜାତର ତତ୍କାଳୀନ ମହାରାଜା ହରିହର ଭଞ୍ଜ ୧୩୨୨ ଶକାବ୍ଦ ଅର୍ଥାତ ୧୪୦୦ ଖ୍ରୀଷ୍ଟାବ୍ଦରେ ଏହି ଗଡ଼କୁ ନିର୍ମାଣ କରିଥିଲେ। ମହାରାଜା ହରିହର ଭଞ୍ଜଙ୍କ ନାମ ଅନୁଯାୟୀ ଏହା ହରିହରଗଡ଼ ଭାବେ ନାମିତ କରାଯାଇଥିଲେ ମଧ୍ୟ କାଳକ୍ରମେ ହରିପୁରଗଡ଼ ନାମରେ ପରିଚିତ ହେଲା। ଗଡ଼ର ମୁଖ୍ୟଦ୍ୱାର ପୂର୍ବ ଦିଗକୁ ଥିବା ବେଳେ ଚତୁଃପାର୍ଶ୍ୱରେ ୪ଟି ବିକଳ୍ପ ଦ୍ୱାର ଥିଲା। ମଧ୍ୟଭାଗରେ ଅବସ୍ଥିତ ରସିକରାୟ ମନ୍ଦିରର ଉତ୍ତରକୁ ରାଜଦରବାର ଅବସ୍ଥିତ ଥିଲା। ସେଠାରୁ ଗଡ଼ ଭିତରକୁ ସ୍ୱତନ୍ତ୍ର ରାସ୍ତା ସାଙ୍ଗକୁ ଦୁଇ ପାର୍ଶ୍ୱରେ କର୍ମଚାରୀ ରହିବା ପାଇଁ ଗୃହ ଥିଲା। ଗଡ଼ର ମଧ୍ୟଭାଗରେ ଆମୋଦପ୍ରମୋଦ ପାଇଁ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଇଥିଲା। ପଶ୍ଚିମ-ଉତ୍ତର ଦିଗରେ ମହାରାଜାଙ୍କ ଶୟନ କକ୍ଷ ଥିବା ବେଳେ ଦକ୍ଷିଣ-ପଶ୍ଚିମ ଦିଗରେ ମହାରାଣୀଙ୍କ କକ୍ଷ ଥିଲା। ନବେ ଦଶକର ପ୍ରଥମାର୍ଦ୍ଧରେ ବିଭାଗ ପକ୍ଷରୁ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତ୍ୟେକ ବର୍ଷ କିଛି ଅଳ୍ପ କାର୍ଯ୍ୟ ହେଉଥିଲେ ହେଁ ଗଡ଼ର ପୁନରୁଦ୍ଧାର ସମ୍ଭବ ହେଉନାହିଁ। ■

# ବୌଦ୍ଧର ଭଗ୍ନ ମନ୍ଦିର

ଆମ ସଭ୍ୟତା, ସଂସ୍କୃତି, ପରମ୍ପରା, ଐତିହ୍ୟର ପ୍ରତୀକ ସ୍ୱରୂପ ଅନେକ ପ୍ରାଚୀନ ମନ୍ଦିର ବିଦ୍ୟମାନ ରହିଛି। ତତ୍କାଳୀନ ଶାସକମାନଙ୍କ ଭଗବତ୍ ବିଶ୍ୱାସ, ଶିଳ୍ପୀମାନଙ୍କ ଜ୍ଞାନକୌଶଳ ତଥା କଳା ନିପୁଣତାର ନିଦର୍ଶନ ସ୍ୱରୂପ ଇତିହାସର ମୂକସାକ୍ଷୀ ଭାବେ ବିରାଜମାନ ରହିଛି ଅନେକ ପ୍ରାଚୀନ ମନ୍ଦିର। ତେବେ ଅନେକ ପ୍ରାଚୀନ ମନ୍ଦିର ବିଲୁପ୍ତ ହୋଇସାରିଥିବା ବେଳେ ଏବେ ମଧ୍ୟ କିଛି ଭଗ୍ନ ଏବଂ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ବୌଦ୍ଧରେ ଥିବା ସେଭଳି କେତୋଟି ଭଗ୍ନ ମନ୍ଦିରର ଐତିହ୍ୟକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଉପସ୍ଥାପନା।

**ଦିବ୍ୟ ରଞ୍ଜନ ପଟ୍ଟନାୟକ**, ବୌଦ୍ଧ

### ଭଗ୍ନ ଐତିହ୍ୟ

ବୌଦ୍ଧ ଅଞ୍ଚଳର ପ୍ରାଚୀନ ମନ୍ଦିର ମଧ୍ୟରୁ ଅଷ୍ଟମ ଶତାବ୍ଦୀରେ ନିର୍ମିତ ହରିହର ପୀଠ ଗନ୍ଧରାଡ଼ି ମନ୍ଦିର ଏବଂ ନବମ ଶତାବ୍ଦୀରେ ନିର୍ମିତ ରାମେଶ୍ୱର ମନ୍ଦିରର ଅନ୍ୟତମ। ବୌଦ୍ଧର ଏହି ଦୁଇଟି ଐତିହ୍ୟ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଅଧୀନରେ ରହିଛି। ବୌଦ୍ଧ ଅଞ୍ଚଳରେ ଥିବା ଭଗ୍ନ ମନ୍ଦିରଗୁଡ଼ିକ ମଧ୍ୟରେ ରହିଛି ଐତିହାସିକ ରାମେଶ୍ୱର ମନ୍ଦିର ସମୂହ ପରିସରରେ ଥିବା ଏକ ଭଗ୍ନ ମନ୍ଦିର। ଐତିହାସିକଙ୍କ ମତରେ ଏହି ପରିସରରେ ୧୦ଟି ଶିବ ମନ୍ଦିର ଥିଲା। ନବମ ଶତାବ୍ଦୀରେ ତତ୍କାଳୀନ ସୋମ ବଂଶୀୟ ଶାସକଙ୍କ ଦ୍ୱାରା ଏହି ମନ୍ଦିର ସମୂହ ନିର୍ମିତ ହୋଇଥିବା ବେଳେ ପାଞ୍ଚ ଚଣ୍ଡାଳଙ୍କ ଖପୁରି ଉପରେ ମୁଖ୍ୟ ମନ୍ଦିର ରାମନାଥ/ରାମେଶ୍ୱର ମନ୍ଦିର ନିର୍ମିତ ହୋଇଥିଲା। ବର୍ତ୍ତମାନ ଏଠାରେ ୩ ଟି ମନ୍ଦିର ଭୁବନେଶ୍ୱର, କପିଳେଶ୍ୱର ଏବଂ ପଶ୍ଚିମ ସୋମନାଥ ରହିଛି। ଅବଶିଷ୍ଟ ମନ୍ଦିରଗୁଡ଼ିକ ସମୟ ସ୍ରୋତରେ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି। ଯେଉଁଠାରେ ଭଗ୍ନ ମନ୍ଦିର ରହିଛି, ତାହା ମୁଖ୍ୟ ମନ୍ଦିରର ରାମନାଥ/ରାମେଶ୍ୱର ମନ୍ଦିର ଥିଲା। ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଦ୍ରୌପଦୀ ନାମ୍ନୀ ଜଣେ କୈବର୍ତ୍ତ ସମ୍ପ୍ରଦାୟର ମହିଳା ବୌଦ୍ଧର ତତ୍କାଳୀନ ରାଜା ନାରାୟଣ ପ୍ରସାଦ ଦେବଙ୍କୁ ସେଠାରେ ଏକ ନୂତନ ମନ୍ଦିର ନିର୍ମାଣ କରିବା ପାଇଁ ସ୍ୱପ୍ନାଦେଶ ହୋଇଥିଲା। ରାଜାଙ୍କ ଅନୁମତିରେ ସମ୍ପୃକ୍ତ ମହିଳା ଧ୍ୱସ୍ତ ହୋଇଯାଇଥିବା ଧାନେଶ୍ୱର ମନ୍ଦିର ସ୍ଥାନରେ ଇଟା, ଚୂନରେ ଏକ ଛୋଟ ମନ୍ଦିର ନିର୍ମାଣ କରାଇ ଭଗବାନ ଶିବଙ୍କୁ ମୁଖ୍ୟ ମନ୍ଦିରରୁ ସ୍ଥାନାନ୍ତର କରାଇଥିଲେ। ୧୯୩୬ ମସିହାରେ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ରାଜା ନାରାୟଣ ପ୍ରସାଦ ଦେବ ଆରମ୍ଭ କରାଇଥିଲେ। ତେବେ ଦେଶ ସ୍ୱାଧୀନତା ପରେ ରାଜତନ୍ତ୍ର ଲୋପ ପାଇଲା ଏବଂ ମନ୍ଦିର ନିର୍ମାଣ କାର୍ଯ୍ୟ ଅଧାରେ ରହିଗଲା। ବର୍ତ୍ତମାନ ମୁଖ୍ୟ ମନ୍ଦିରରୁ ସ୍ଥାନାନ୍ତରୀତ ଭଗବାନ ଶିବ ଉକ୍ତ ଛୋଟ ମନ୍ଦିରରେ ହିଁ ପୂଜା ପାଉଛନ୍ତି ଏବଂ ଅର୍ଦ୍ଧ ନିର୍ମିତ ମନ୍ଦିରଟି ଭଗ୍ନ ଅବସ୍ଥାରେ ପଡ଼ିରହିଛି।





### କନକ ଦୁର୍ଗା ମନ୍ଦିର

ବୌଦ୍ଧର ଆଉ ଏକ ଭଗ୍ନ ମନ୍ଦିର ହେଉଛି ବୌଦ୍ଧ ରାଜ ଉଆସ ପରିସରରେ ଥିବା କନକ ଦୁର୍ଗା ମନ୍ଦିର। ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ରାଜ ପୀତାମ୍ବର ଦେବ ଯୋଗୀନ୍ଦ୍ର ବିଳାସ ନାମକ ନୂତନ ରାଜବାଟୀ ନିର୍ମାଣ କରିଥିଲେ। ସେ ସମୟରେ ରାଜବାଟୀ ପରିସରରେ କନକ ଦୁର୍ଗା ମନ୍ଦିର ନିର୍ମିତ ହୋଇଥିଲା। ରାଜାଙ୍କ ଇଷ୍ଟ ଦେବୀ ଦୁର୍ଗା ଥିଲେ। ଏହି ମନ୍ଦିରରେ ଦୁର୍ଗାଙ୍କ ସୁବର୍ଣ୍ଣ ପ୍ରତିମା ପୂଜା ପାଉଥିଲେ। ତେବେ ୧୯୭୪ ମସିହାରେ ଉକ୍ତ ସୁବର୍ଣ୍ଣ ପ୍ରତିମା ଚୋରି ହୋଇଗଲା। ପରବର୍ତ୍ତୀ ସମୟରେ ଅନ୍ୟ ଏକ ଦୁର୍ଗା ପ୍ରତିମା ଆଣି ପୂଜା କରାଗଲା। ବର୍ତ୍ତମାନ ଉକ୍ତ ମନ୍ଦିର ଭଗ୍ନ ଏବଂ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ବେଳେ କେବଳ ସମ୍ମୁଖ ଢାଞ୍ଚା ବଞ୍ଚି ରହିଛି। ଏହି ମନ୍ଦିରର ରକ୍ଷଣାବେକ୍ଷଣା ଦାୟିତ୍ୱ ରାଜାଙ୍କ ଉତ୍ତରାଧିକାରୀଙ୍କ ଉପରେ ନ୍ୟସ୍ତ ରହିଛି। ବର୍ତ୍ତମାନ ରାଜ ଉଆସର ସତ୍ତ୍ୱାଧିକାରୀ ପ୍ରାୟ ୫ ବର୍ଷ ହେଲାଣି ମରାମତି ନାମରେ ମନ୍ଦିର ବନ୍ଦ କରି ରଖିଥିବା ଜଣାପଡ଼ିଛି। ■

# ମାଟି ତଳେ ବିରଳ କୀର୍ତ୍ତିରାଜି

ଐତିହାସିକ ବଲାଙ୍ଗିର ଜିଲ୍ଲାରେ ଆଜି ବି ମାଟି ତଳେ ଲୁଚି ରହିଛି ଅନେକ ପ୍ରାଚୀନ କୀର୍ତ୍ତିରାଜି। ବିଗତ ଦିନରେ ନଦୀ ବାଲି ତଳେ ପୁରୁଣା ମନ୍ଦିର ଭଗ୍ନାଂଶ ମିଳିଥିବା ବେଳେ ଜିଲ୍ଲାର ଅନେକ ସ୍ଥାନରେ ଲୁକ୍କାୟିତ ଭାବେ ରହିଛି ପଥର ଖୋଦିତ କୀର୍ତ୍ତିରାଜି। ସେହିପରି ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳରେ ମଧ୍ୟ ପୁରୁଣା ମନ୍ଦିର ରହିଛି, ଯାହାକି ବର୍ତ୍ତମାନ ସମୟରେ ପୁନରୁଦ୍ଧାର ଅପେକ୍ଷାରେ ରହିଯାଇଛି। ଏହିଭଳି ପୁରୁଣା କୀର୍ତ୍ତିରାଜିକୁ ସଂରକ୍ଷଣ କରି ରଖିବା ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି।





**ଅଭିଳାଷ ହୋତା, ବଲାଙ୍ଗିର**

## ଲୁକ୍କାୟିତ କୋଠାରେ ଶତାଧିକ ବର୍ଷର ପୁରୁଣା ମୂର୍ତ୍ତି

ପୁରୀ ଶ୍ରୀକ୍ଷେତ୍ରଠାରୁ ଆରମ୍ଭ କରି ରାଜ୍ୟରେ ଥିବା ଛୋଟବଡ଼ ସବୁ ଜଗନ୍ନାଥ ମନ୍ଦିରରେ କାଠରେ ତିଆରି ପ୍ରତିମା ପୂଜା ପାଉଥିବା ଦେଖିବାକୁ ମିଳେ। ତେବେ ପଥରରେ ନିର୍ମିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହ ପୂଜା ପାଇବା ଅତ୍ୟନ୍ତ ବିରଳ। କିନ୍ତୁ ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ବ୍ଲକ୍ ତେନ୍ତୁଲିଖୁଣ୍ଟି ଗାଁର ଏକ ଦୁର୍ଗମ ଅଞ୍ଚଳରେ ଏଭଳି ଏକ ପୁରୁଣା କୋଠାରେ ଏହି ବିଗ୍ରହ ପୂଜା ପାଉଛନ୍ତି। ଏକଥା ଆଜି ଯାଏ ଲୁକ୍କାୟିତ ହୋଇରହିଛି। କେବଳ ପଥରରେ ତିଆରି ବିଗ୍ରହ ନୁହେଁ, ସେହି କୋଠାରେ ଅନେକ ବିରଳ ପଥରରେ ତିଆରି ମୂର୍ତ୍ତି, ମନ୍ଦିରର ଗମ୍ବୁଜ, ଶିବଲିଙ୍ଗ, ବୃଷଭଙ୍କ ବିଗ୍ରହ ରହିଛି। ୨୦୦୨ ମସିହାରେ ଗାଁର ତ୍ରିଲୋଚନ ଭୋଇଙ୍କୁ ସ୍ୱପ୍ନାଦେଶ ହେବା ପରେ ଉକ୍ତ ସ୍ଥାନରେ ଖନନ କରାଯାଇ ଏହି ସବୁ ମୂର୍ତ୍ତି ବାହାର କରାଯାଇଥିଲା। ଯାହାଫଳରେ ଇତିମଧ୍ୟରେ ଅନେକ ମୂର୍ତ୍ତି ଚୋରି ହୋଇଯାଇଛି। ଏହି ମନ୍ଦିର ପୂଜକ ତ୍ରିଲୋଚନ ଭୋଇଙ୍କ କହିବା ଅନୁସାରେ ଉକ୍ତ ସ୍ଥାନରେ ଏକ ପୁରୁଣା ମନ୍ଦିର ରହିଥିବା ତାଙ୍କୁ ସ୍ୱପ୍ନାଦୋଷ ହୋଇଥିଲା। ପରେ ସେ ଯାଇ ସେଠାରେ ଖନନ କରିଥିଲେ। ପ୍ରଥମେ ମନ୍ଦିର ଗମ୍ବୁଜ ମିଳିଥିଲା। ସେ ଯେତେ ତଳକୁ ଖୋଳି ଚାଲିଥିଲେ ନୂଆ ନୂଆ ମୂର୍ତ୍ତି ପାଇଥିଲା। ଯଥାସମ୍ଭବ ଖୋଳିବା ପରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ବିଗ୍ରହ ମିଳିଥିଲା। ଏହା ସହିତ ଶିବଲିଙ୍ଗ, ଅନନ୍ତଶୟନରେ ଥିବା ବିଷ୍ଣୁଙ୍କ ମୂର୍ତ୍ତି ଏହିଭଳି ଅନେକ। ଏ ନେଇ ଖବର ପ୍ରଚାରିତ ହେବା ପରେ ଭୁବନେଶ୍ୱରରୁ ଏକ ଟିମ୍ ଆସି ସବୁ ଉଦ୍ଧାର କରିଥିଲେ। ଉଦ୍ଧାର କରିବା ପରେ ଏକ କୋଠାରେ ତାକୁ ସଂଗ୍ରହ କରି ରଖି ଚାଲିଯାଇଥିଲେ। କିନ୍ତୁ ମୂର୍ତ୍ତିଗୁଡ଼ିକ ଚୋରି ହେବାର ଭୟ ରହିଥିବାରୁ ତ୍ରିଲୋଚନ ପୂଜା କରିବା ଆରମ୍ଭ କରିଥିଲେ। ଏଠାରେ ଥିବା ମୂର୍ତ୍ତି ୧୫ଶହ ବର୍ଷ ପୁରୁଣା ହୋଇଥିବା ବେଳେ ଆଦିବାସୀ ସମ୍ପ୍ରଦାୟର ଲୋକେ ଜଗତ ନାଥ ଭାବେ ପୂଜା କରୁଥିବା ଗବେଷକଙ୍କ ପାଖରୁ ସୂଚନା ମିଳିଥିବା ସେ କହିଛନ୍ତି।





## ସୁକତେଲ ନଦୀ ଗର୍ଭରେ ଅନେକ କୀର୍ତ୍ତିରାଜି


ବଲାଙ୍ଗିର ଜିଲ୍ଲାରେ ବହିଯାଇଛି ସୁକତେଲ ନଦୀ। ଏହି ନଦୀ ବଲାଙ୍ଗିର ଜିଲ୍ଲାର ଅତୀତ, ବର୍ତ୍ତମାନର ମୂକସାକ୍ଷୀ ହୋଇରହିଛି। ତେବେ ଏହି ନଦୀ ମଧ୍ୟ ନିଜ ଗର୍ଭରେ ଅନେକ ପ୍ରାଚୀନ କୀର୍ତ୍ତିରାଜି ଲୁଚାଇ ରଖିଛି। ଗତ ୨୦୨୦ ମସିହା ନଭେମ୍ବର ପ୍ରଥମ ସପ୍ତାହରେ ଗୋପାଳପୁର ନଦୀଘାଟ ନିକଟରେ ବାଲି ଖୋଳିଲା ବେଳେ କିଛି ପଥର ମିଳିଥିଲା। ପଥରରେ ପୁରୁଣା ଚିତ୍ର ଓ କାରୁକାର୍ଯ୍ୟ ରହିଥିବା ଦେଖିବା ପରେ ସ୍ଥାନୀୟ ଲୋକେ ଆହୁରି ଖୋଳିଥିଲେ। ବହୁ ସଂଖ୍ୟାରେ ପଥର ଗ୍ରାମବାସୀ ଉଦ୍ଧାର କରିଥିଲେ। ଏହି ପଥରରେ ପୁରୁଣା କାରୁକାର୍ଯ୍ୟ ହୋଇଥିବା ବେଳେ ପଥରର ଆକୃତି ମନ୍ଦିର ଶୈଳୀର ହୋଇଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖିବା ପରେ ଏହା କୌଣସି ମନ୍ଦିରର ଭଗ୍ନାଂଶ ବୋଲି ଜଣାପଡ଼ିଥିଲା। ବହୁ ପୂର୍ବରୁ ନଦୀପଠାରେ ଥିବା ମନ୍ଦିର ନଦୀ ଗର୍ଭରେ ଲୀନ ହୋଇଯାଇଥାଇପାରେ, ଯାହା ତାହାର ଭଗ୍ନାଂଶ ବୋଲି ଐତିହାସିକମାନେ ମତ ରଖିଥିଲେ। ଏହା ଉଦ୍ଧାର ହେବା ପରେ ତତ୍କାଳୀନ ଜିଲ୍ଲା ସଂସ୍କୃତି ଅଧିକାରୀ ଐତିହାସିକଙ୍କୁ ନେଇ ତଦାରଖ କରିଥିଲେ। ପରବର୍ତ୍ତୀ ସମୟରେ ଏହି ପଥର ଖଣ୍ଡ କିଏ ନେଇଛି, କେଉଁଠି ରଖିଲା ତାହାର କିଛି ଖବର ନାହିଁ। ହୁଏତ ଏହାର ଉଚିତ ଅନୁସନ୍ଧାନ ହୋଇଥିଲେ ପାଟଣା ରାଜ୍ୟ ବା ତା' ପୂର୍ବବର୍ତ୍ତୀ ସମୟର ଅନେକ କିଛି ରହସ୍ୟ ଉନ୍ମୋଚନ ହୋଇପାରିଥାନ୍ତା।



## ରାଣୀପୁର - ଝରିଆଲ



ବଲାଙ୍ଗିର ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ ରାଣୀପୁର ଝରିଆଲ ମନ୍ଦିର ମଧ୍ୟ ଶହ ଶହ ବର୍ଷ ପୁରୁଣା। ଏକ ବିଶାଳ ଶିଳାଖଣ୍ଡ ଉପରେ ଚଉଷଠି ଯୋଗିନୀ ମନ୍ଦିର ରହିଥିବା ବେଳେ ଚାରିପଟେ ଛୋଟ ଛୋଟ ପଥର ତିଆରି ମନ୍ଦିର ରହିଛି। ସେହିପରି ଇନ୍ଦ୍ରଲାଠ ମନ୍ଦିରର ମଧ୍ୟ ସମାନ ଅବସ୍ଥା। ଏହା ମଧ୍ୟ ପୁରୁଣା ପାଟଣା ରାଜ୍ୟର ଇତିହାସର ମୂକସାକ୍ଷୀ ହୋଇରହିଛି। ଅବହେଳିତ ଅବସ୍ଥାରେ ଏହି ସବୁ ପ୍ରାଚୀନ କୀର୍ତ୍ତିରାଜି ପଡ଼ିରହିଥିବା ଅଭିଯୋଗ ହେଉଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଏହି ମନ୍ଦିର ରହିଥିବାରୁ ଏହାର ଆବଶ୍ୟକ ଉନ୍ନତିକରଣ ହୋଇ ପାରୁନାହିଁ। ■



# ଭଗ୍ନ ମନ୍ଦିରରେ ଶିଳାଲେଖ



ଡ. ଭାରତୀ ପାଲ୍

ଯାଜପୁର ଜିଲ୍ଲାର ଶିବଦାସପୁର ଗ୍ରାମରେ ହଂସେଶ୍ୱର ଶୈବ ମନ୍ଦିର ଭୌମବଂଶର ରାଣୀ ମାଧବଦେବୀଙ୍କ ଦ୍ୱାରା ନିର୍ମିତ। ଏହି ମନ୍ଦିରଟି ଖ୍ରୀଷ୍ଟାବ୍ଦ ୮ମ ଶତାବ୍ଦୀରେ ଭୌମରାଣୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ଓଡ଼ିଶାରେ ଖ୍ରୀଷ୍ଟାବ୍ଦ ୮ମ ଶତାବ୍ଦୀଠାରୁ ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘ ୨୦୦ ଶହ ବର୍ଷ ଭୌମକର ଶାସକମାନେ ଏକ ସମୃଦ୍ଧ ଏବଂ ଶକ୍ତିଶାଳୀ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ଏହି ଶାସକମାନଙ୍କର ରାଜ୍ୟ ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟାଠାରୁ ଉତ୍ତରରେ ଦଣ୍ଡଭୁକ୍ତି ମଣ୍ଡଳ (ପଶ୍ଚିମବଙ୍ଗର ମେଦିନାପୁର ଅଞ୍ଚଳ) ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଏହି ବଂଶରେ ପ୍ରଥମ କରି ୬ଜଣ ରାଣୀ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବେ ରାଜ୍ୟ ଶାସନ କରିଥିବାର ବିଭିନ୍ନ ଐତିହାସିକ ତଥ୍ୟରୁ ପ୍ରମାଣ ମିଳେ। ଭୌମବଂଶର ରାଜାମାନେ ମୂଳତଃ ବୌଦ୍ଧ ଧର୍ମାବଲମ୍ବୀ ଥିଲେ। ଏହି ବଂଶର ଶାସକ ଯଥା କ୍ଷେମକର ଦେବ, ଶିବକର ଦେବ, ଶୁଭକର ଦେବ ପ୍ରମୁଖ ଶାସକମାନେ 'ପରମ ସୌଗତ', 'ପରମ ତଥାଗତ', ପରମୋପାସକ ଇତ୍ୟାଦି ଉପାଧିରେ ଭୂଷିତ ହୋଇଥିଲେ। ଏହି ବଂଶ ଶାସନ ସମୟରେ ମହାଯାନ ବୌଦ୍ଧ ଧର୍ମ ବଜ୍ରଯାନ, ତନ୍ତ୍ରଯାନ, ସହଜଯାନ ଇତ୍ୟାଦି ନାନା ସମ୍ପ୍ରଦାୟରେ ବିଭକ୍ତ ହୋଇଥିଲା। ଭୌମବଂଶୀ ଶାସକମାନେ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ବ୍ରାହ୍ମଣ ଧର୍ମ ପ୍ରତି ଅବହେଳା ପ୍ରଦର୍ଶନ କରିନଥିଲେ। ଏହାର ପ୍ରକୃଷ୍ଟ ଉଦାହରଣ ଶୁଭକର ଦେବଙ୍କ ରାଣୀ ମାଧବଦେବୀ। ରାଜା ଶୁଭକର ଭୌମ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କର ପତ୍ନୀ ଶୈବ ଧର୍ମର ଉପାସକ ଥିଲେ ଏବଂ ଶିବଙ୍କ ଉଦ୍ଦେଶ୍ୟରେ ଏକ ମନ୍ଦିର ନିର୍ମାଣ କରିଥିଲେ। ଭୌମବଂଶର ରାଜଧାନୀ ଗୁହେଶ୍ୱର ପାଟକ ଯାହାକି ବିରଜା ନଗରୀରେ ଅବସ୍ଥିତ ଏହି ଅଞ୍ଚଳରେ ବିଭିନ୍ନ ଧର୍ମର ସମନ୍ୱୟ ଘଟିଥିଲା। ଯଦିଓ ଭୌମ ଶାସକମାନେ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ, ତାଙ୍କର ପତ୍ନୀ ବ୍ରାହ୍ମଣ୍ୟ ଧର୍ମ ପ୍ରତି ଅନୁପ୍ରାଣିତ ହୋଇ ଏହାର ପ୍ରଚାର ଓ ପ୍ରସାର ଘଟାଇଥିଲେ। ବୌଦ୍ଧ ଶାସକମାନଙ୍କ ସମୟରେ ଧାର୍ମିକ ସହନଶୀଳତା ସମାଜରେ ପ୍ରତିଷ୍ଠିତ ହୋଇଥିଲା।

ଯାଜପୁର ଜିଲ୍ଲା ହଂସେଶ୍ୱର ମନ୍ଦିରଟି ଭୌମ ରାଣୀ ମାଧବଦେବୀଙ୍କର ଏକ ଅମ୍ଳାନ କୀର୍ତ୍ତି। ସମୟର କାଳଚକ୍ରରେ ଏହି ମନ୍ଦିରଟି ବର୍ତ୍ତମାନ ଭଗ୍ନ ଅବସ୍ଥାରେ ଦେଖିବାକୁ ମିଳେ। ଏହି ମନ୍ଦିରଟି ଏକ ଭଗ୍ନ ମନ୍ଦିର ଅଟେ। ଏହି ମନ୍ଦିରର ଭିତ୍ତିଭୂମି ବ୍ୟତୀତ ଚଟାଣ, ଛାତ ଏବଂ ପଛ ଭାଗର କାନ୍ଥ ଦେଖିବାକୁ ମିଳେ। ଏହି ମନ୍ଦିରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଭଗ୍ନ ଅବସ୍ଥାରେ ପ୍ରତୀୟମାନ ଅଟେ। ଏହି ମନ୍ଦିରର ପଛ ପାର୍ଶ୍ୱରେ ଥିବା କାନ୍ଥରେ ଏକ ଚାରିକୋଣିଆ ବିଶିଷ୍ଟ କଳା ପ୍ରସ୍ତରର ଏକ ଅଭିଲେଖ ଦେଖିବାକୁ ମିଳେ। ଏହାକୁ ୧୯୫୦ ମସିହାରେ ବିଶିଷ୍ଟ ଲିପିତତ୍ତ୍ୱବିତ୍ ଡ.ଦିନେଶ ଚନ୍ଦ୍ର ସରକାର ପାଠୋଦ୍ଧାର କରିଥିଲେ। ଏହି ଅଭିଲେଖଟି ୧୧ ଧାଡ଼ି ବିଶିଷ୍ଟ। ଏହି ଅଭିଲେଖଟି କୁଟିଳ ଲିପି ଏବଂ ସଂସ୍କୃତ ଭାଷାରେ ଖୋଦିତ। ଏହି ଶିଳାଲେଖର ଅନେକ ଗୁଡ଼ିଏ ଅକ୍ଷର ଭଗ୍ନ ଅବସ୍ଥାରେ ଅଛି। ଏହା ସମ୍ପୂର୍ଣ୍ଣ ଭାବେ ସଂସ୍କୃତ କାବ୍ୟ ଶୈଳୀରେ ଲେଖା ହୋଇଅଛି। ଏହି ଶିଳାଲେଖର ଆରମ୍ଭ ସିଦ୍ଧମ ଚିହ୍ନରେ ହୋଇଅଛି। ଏହାପରେ ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଏକ ପ୍ରଶସ୍ତି ଖୋଦନ କରାଯାଇଅଛି। ଏହାପରେ ଭୌମବଂଶର ଶକ୍ତିଶାଳୀ ରାଜା ଶୁଭକର ଦେବଙ୍କର ଗୁଣାବଳୀ ବର୍ଣ୍ଣନା କରାଯାଇଅଛି। ଏହି ଶିଳାଲେଖର ତୃତୀୟ ପଂକ୍ତିରେ ଏହି ମନ୍ଦିର ନିର୍ମାତା ମାଧବଦେବୀଙ୍କ ନାମ ଉଲ୍ଲେଖ କରାଯାଇଅଛି। ରାଣୀ ମାଧବଦେବୀ ଜଣେ ଆଚାର୍ଯ୍ୟ ବା ବ୍ରାହ୍ମଣ ପୁରୋହିତଙ୍କୁ ମନ୍ଦିରର ପୂଜାର୍ଚ୍ଚନା ପାଇଁ ନିଯୁକ୍ତି କରାଇଥିବାର ସୂଚନା ମିଳେ। ରାଣୀ ମାଧବଦେବୀ ପ୍ରତିଷ୍ଠା କରିଥିବାରୁ ମନ୍ଦିରଟି ମାଧବେଶ୍ୱର ନାମରେ ନାମିତ। ଏହି ମନ୍ଦିରଟି ଶିବଙ୍କ ବାସସ୍ଥାନ କୈଳାସ ପର୍ବତ ସହିତ ତୁଳନା କରାଯାଇଅଛି। ଏହି ମନ୍ଦିର ନିକଟରେ ଏକ ବାମ୍ପି ବା କୂଅ ରହିଥିବାର ଶିଳାଲେଖଟି ସୂଚନା ପ୍ରଦାନ କରେ। ସେହିପରି ପରବର୍ତ୍ତୀ ପଂକ୍ତିଟିରେ ଏହି ମନ୍ଦିର ନିକଟରେ ଏକ ହାଟ ଥିବାର ଉଲ୍ଲେଖ କରାଯାଇଅଛି ଏବଂ ଏହି ଶିଳାଲେଖର ଶେଷ ପଂକ୍ତିରେ ରାଣୀଙ୍କ ମୃତ୍ୟୁ ପରେ ଏହି ମନ୍ଦରର ପୂଜାର୍ଚ୍ଚନା ଏବଂ ଅନ୍ୟାନ୍ୟ ପୂଜାବିଧି ତଦାରଖ କରିବା ପାଇଁ ଜଣେ ଆଚାର୍ଯ୍ୟ ବା ବ୍ରାହ୍ମଣଙ୍କୁ ନିଯୁକ୍ତି ଦିଆଯିବା ସଙ୍ଗେ ଏହାଙ୍କର ଭଗବାନ ଶିବଙ୍କ ପ୍ରତି ଥିବା ଭକ୍ତି ଭାବର ତଥ୍ୟ ପ୍ରଦାନ କରିଅଛି। ■

ସଂଗ୍ରହାଧ୍ୟକ୍ଷା,
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର









## କଳାପାହାଡ଼ର ଆକ୍ରମଣରେ ଭଗ୍ନ

# ଲଳିତ ମାଧବ ମନ୍ଦିର

ପ୍ରଫୁଲ୍ଲ କୁମାର କର, ନିମାପଡ଼ା

ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ଚଉରାଶୀ ଓ ଛବାଟିଆ ଗ୍ରାମର ସୀମାରେ ଲଳିତ ମାଧବ ଠାକୁରଙ୍କ ମନ୍ଦିର ଅବସ୍ଥିତ। ଏହି ମନ୍ଦିରଟି ପ୍ରାୟ ୫ ଶହ ବର୍ଷ ତଳର ହେବ ବୋଲି ପୁରୁଖା ଲୋକମାନେ କୁହନ୍ତି। ଏଠାରେ ୫ଫୁଟ ଉଚ୍ଚତା ଓ ୩ଫୁଟ ଓସାରର କଳାମୁଗୁନି ପଥରରେ ନିର୍ମିତ ମୂର୍ତ୍ତି ରହିଛି। ଏହି ଠାକୁରଙ୍କ ମନ୍ଦିର ନ ଥିବାରୁ ଗୋଟିଏ ଛୋଟ ଛାତ ତଳେ ପୂଜା ପାଉଛନ୍ତି। ଯେଉଁ ସମୟରେ କଳାପାହାଡ଼ ସମସ୍ତ ଦେବଦେବୀଙ୍କ ମନ୍ଦିରକୁ ଭାଙ୍ଗି ଦେଉଥିଲା, ସେହି ସମୟରେ ସେଠାକାର ଲୋକେ ଠାକୁରଙ୍କୁ ପାଖରେ ଥିବା ଏକ ଲଳିତା କିଆରିରେ ଲୁଚି ଯାଇଥିଲେ। କଳାପାହାଡ଼ ସେଠାରେ ଠାକୁରଙ୍କୁ ନ ପାଇଁ ମନ୍ଦିରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇ ପଳାଇଥିଲେ। ବର୍ତ୍ତମାନ ମନ୍ଦିରର ଚତୁଃପାର୍ଶ୍ୱରେ ଅନେକ ଭଗ୍ନ ପଥର ପଡ଼ିରହିଛି। କିଛିଦିନ ତଳେ ଏହି ମୂର୍ତ୍ତିଟିକୁ ଦୁର୍ବୃତ୍ତମାନେ ଚୋରାଇ ନେବାକୁ ଉଦ୍ୟମ କରିଥିଲେ। ତେବେ ମୂର୍ତ୍ତିର ଓଜନ ଏତେ ମାତ୍ରାରେ ବୃଦ୍ଧି ପାଇଥିଲା ଯେ, ସେମାନେ ମୂର୍ତ୍ତିଟିକୁ ତଳୁ ଉଠାଇ ପାରିନଥିଲେ। ଠିକ୍ ସେହି ସମୟରେ ସେଠାରେ କିଛି ସପ୍ତଫେଣୀ ନାଗସାପ ଦୃଶ୍ୟମାନ ହେବାରୁ ଚୋରମାନେ ମନ୍ଦିର ଆଗରେ ଥିବା ଏକ ଖାଲରେ ଉକ୍ତ ମୂର୍ତ୍ତିଟିକୁ ଫୋପାଡ଼ି ପଳାଇଥିଲେ ବୋଲି ସ୍ଥାନୀୟ ଅଞ୍ଚଳର ବୟସ୍କ ଲୋକମାନେ କୁହନ୍ତି। ଏହି ମନ୍ଦିର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାର ଅଢ଼େଇ ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି। ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ବିରୋଧୀ ଶିବିରରେ ଆତଙ୍କ

ହିନ୍ଦୁ ପୁରାଣମାନଙ୍କରେ ମୟୂରାସୀନ ଭାଲଧାରୀ ଦେବ ସେନାପତି କାର୍ତ୍ତିକ ହେଉଛନ୍ତି ଯୁଦ୍ଧ ଓ ବିଜୟର ଦେବତା। ସମ୍ପ୍ରତି ଓଡ଼ିଶାରେ ୨୦୨୪ ନିର୍ବାଚନ ମହାସମରରେ ଆର୍ବିଭୂତ ହୋଇଛନ୍ତି ଆଉ ଜଣେ କାର୍ତ୍ତିକ। ଦେବ ସେନାପତି କାର୍ତ୍ତିକ ପ୍ରତିପକ୍ଷ ଶିବିରରେ ଆତଙ୍କ ସୃଷ୍ଟି କରିବା ପରି ଶଙ୍ଖ ସେନାପତି କାର୍ତ୍ତିକଙ୍କୁ ନେଇ ଏବେ ପଦ୍ମ ଶିବିର ଆତଙ୍କିତ। କାର୍ତ୍ତିକ ପୂର୍ଣ୍ଣମୀରେ ଶଙ୍ଖପତି ନବୀନଙ୍କ ଆଶୀର୍ବାଦ ନେଇ ବିଜୁ ଜନତା ଦଳରେ ଯୋଗ ଦେଇଥିବା କାର୍ତ୍ତିକଙ୍କ ଶବ୍ଦର ଭାଲ ଆଘାତରେ ଆକ୍ରମଣକାରୀ ବିରୋଧୀ ଲହୁଲୁହାଣ। ଶଙ୍ଖପତିଙ୍କ ବିକାଶ ରଥ ଓ ରୂପାନ୍ତରଣର ଆଲୋକରେ ଦୃଷ୍ଟିଶକ୍ତି ହରାଇଥିବା ପଦ୍ମ ଦଳ ନେତାଙ୍କ ପାଇଁ ଚଳିତ ନିର୍ବାଚନରେ କିଛି ପ୍ରସଙ୍ଗ ନାହିଁ। ଗଲା ୧୦ ବର୍ଷ ଧରି ଓଡ଼ିଆ ସ୍ୱାଭିମାନ ଓ ଗାରିମାକୁ ମୋଡ଼ିମକଚି ଡ଼ଷ୍ଟବିନ୍‌ରେ ଫିଙ୍ଗି ଦେଇଥିବା ପଦ୍ମ ଦଳିଆ ଏବେ ଓଡ଼ିଆ 'ଅସ୍ମିତା' ଲାଞ୍ଜ ଧରି ନିର୍ବାଚନ ବୈତରଣୀ ପାର ହେବାକୁ ସ୍ୱପ୍ନ ଦେଖୁଛନ୍ତି। 'ଅସ୍ମିତା' ଶବ୍ଦର ଅର୍ଥ ଜାଣି ନ ଥିବା ଓ ଶୁଦ୍ଧ ଓଡ଼ିଆରେ ଲେଖିବାକୁ ଅକ୍ଷମ ତାଙ୍କ ଦଳର ଅନେକ ସାଂସଦ ଓ ବିଧାୟକ ପ୍ରାର୍ଥୀ ବି ଘୋଷା ଶୁଆ ପରି 'ଅସ୍ମିତା' ଗାଉଛନ୍ତି। ମାତ୍ର ଯେଉଁ 'ଅସ୍ମିତା'କୁ ନେଇ ଶଙ୍ଖ ଦଳକୁ ପଦ୍ମ ଦଳିଆ ଆକ୍ରମଣ କରୁଛନ୍ତି; ତାକୁ ହିଁ ଶସ୍ତ୍ର କରି କାର୍ତ୍ତିକଙ୍କ ପାଲଟା ଆକ୍ରମଣ ବିରୋଧୀଙ୍କ ନିଦ ହଜାଇ ଦେଇଛି। ଗତ ୧୦ ବର୍ଷରେ ଶାସ୍ତ୍ରୀୟ ଓଡ଼ିଆ ଭାଷା, ଓଡ଼ିଶୀ ନୃତ୍ୟ, ଓଡ଼ିଶାର ଆରାଧ୍ୟ ମହାପ୍ରଭୁ ଜଗନ୍ନାଥ, ଓଡ଼ିଆ ଅସ୍ମିତାର ଅଜେୟ ଧ୍ୱଜାଧାରୀ ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପି ଓ ତାଙ୍କ ଦଳର ନେତାମାନେ ଯେଉଁ ଅନ୍ୟାୟ କରିଛନ୍ତି ତାକୁ ବଖାଣି କାର୍ତ୍ତିକ ଯେଉଁ ବିତର୍କ ଆହ୍ୱାନ ଦେଇଛନ୍ତି, ସେଥିରେ ପଦ୍ମ ଦଳିଆଙ୍କ ଅକଲ ଗୁଡ୍ଡୁମ୍। ■



## ଶୀତଳ ଗୃହରେ ବୈଜୟନ୍ତ

ତାତିର ପାରଦ ସହ ରାଜ୍ୟରେ ଏବେ ରାଜନୀତି ପାରଦ ଊର୍ଦ୍ଧ୍ୱମୁଖୀ। ନିର୍ବାଚନ ପ୍ରଚାର ପାଇଁ ବିଭିନ୍ନ ଦଳର ନେତା, ପ୍ରାର୍ଥୀ ରାଜରାସ୍ତାରେ। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରଚାର ସରୁନାହିଁ। ମାତ୍ର ପ୍ରଚାରର ଘମାଘୋଟ ମଧ୍ୟରେ ପଦ୍ମ ଦଳର ଜାତୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଆସନର ପ୍ରାର୍ଥୀ ବୈଜୟନ୍ତ ଆଖି ଅସ୍ତ୍ରୋପଚାର କରି ଶୀତଳଗୃହରେ ବିଶ୍ରାମ ନେଉଛନ୍ତି। ତାଙ୍କ ଆଖିରେ କି ପ୍ରକାର ଅସ୍ତ୍ରୋପଚାର ହୋଇଛି ତାହାର ସୂଚନା ଯଦିଓ ସାର୍ବଜନୀନ କରାଯାଇ ନାହିଁ; ତଥାପି କିଛିଦିନ ସେ ନିର୍ବାଚନ ପ୍ରଚାରରୁ ବିରତ ରହିବେ ବୋଲି ତାଙ୍କ ନିକଟତମ ମହଲରେ ଆଲୋଚନା ହେଉଛି। ତେବେ ନିର୍ବାଚନ ମହାସମର ସମୟରେ ତାଙ୍କର ଆଖି ଅସ୍ତ୍ରୋପଚାରକୁ ନେଇ ତାଙ୍କରି ପଦ୍ମ ଦଳର ରାଜ୍ୟ ନେତାଙ୍କଠାରୁ ଆରମ୍ଭ କରି ତଳତଳିଆ କର୍ମୀମାନେ ପ୍ରଶ୍ନ ଉଠାଇଛନ୍ତି। ଏପରିକି ଜାତୀୟ ନେତାମାନେ ମଧ୍ୟ ଅସୁଖୀ ବୋଲି କୁହାଯାଉଛି। ବୈଜୟନ୍ତଙ୍କ ଆଖିରେ କ'ଣ ଏମିତି ଅସୁବିଧା ହେଲା ଯେ ଆକସ୍ମିକ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିଲା। ଆଉ ଦୁଇ/ତିନି ସପ୍ତାହ ଅସ୍ତ୍ରୋପଚାର ଏଡ଼ାଇ ଯାଇଥିଲେ କ'ଣ ଅସୁବିଧା ହୋଇ ଯାଇଥାଆନ୍ତା? ହେଲେ ମାହାଙ୍ଗା ଆଉ ଡେରାବିଶିରେ ତାଙ୍କ ନିନ୍ଦୁକମାନଙ୍କ କହିବା କଥାଟା ହେଲା ବାବୁ ବୈଜୟନ୍ତ ହେଉଛନ୍ତି ଶୀତଳ ଗୃହ ଆବାସୀ ହେଲିକପ୍‌ଟର ନେତା। ଖରାତରାରେ ବୁଲିବା, ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବା ତାଙ୍କ ପାଇଁ ବଡ଼ ଅସ୍ୱସ୍ତିକର ବ୍ୟାପାର। ନିର୍ବାଚନର ପରିଣାମ କ'ଣ ହେବ କାହାକୁ ଅଜଣା ନାହିଁ। ନଳିନୀ ସୁତଙ୍କ ଦିଲ୍ଲୀ ଟିକଟ ପ୍ରାୟ ପକ୍କା। ତେଣୁ ୪୪ ଡ଼ିଗ୍ରୀ ପ୍ରଚଣ୍ଡ ଖରାରେ ଝାଳନାଳ ହୋଇ ଲୋକଙ୍କ ସହ ବୁଲି ଟଙ୍କା ଖର୍ଚ୍ଚ କରିବା ସମ୍ପୂର୍ଣ୍ଣ ନିରର୍ଥକ। ସେଇଥିପାଇଁ କୁଆଡ଼େ ଆଖି ଅସ୍ତ୍ରୋପଚାର। କି ବୁଦ୍ଧି ସତରେ... । ■



## କଟା ଘା'ରେ ନୂଆ ଚୂନ

ସମ୍ବଲପୁରରୁ ପଦ୍ମ ପ୍ରଧାନଙ୍କ ଅଥାନରେ ବାଜିଛି ଶଙ୍ଖ ସଙ୍ଗଠକ ପ୍ରଣବ ପ୍ରକାଶଙ୍କ ତେରଛା ଶବ୍ଦ ତୀର। ଯେଉଁ ଲୋକଟିକୁ ତାଙ୍କ ନିଜ ଦଳ ଗଲା ୧୦ ବର୍ଷ ମଧ୍ୟରେ ବିଶ୍ୱାସ କରି ପାରିଲା ନାହିଁ, ତାକୁ ସମ୍ବଲପୁରବାସୀ କେମିତି ବିଶ୍ୱାସ କରିବେ ବୋଲି ପ୍ରଣବଙ୍କ ପ୍ରଶ୍ନରେ ପଦ୍ମ ପ୍ରଧାନ ଆଉ ତାଙ୍କ ଶିବିର ପୁରା ଘାଇଲା। ଏକ ସମୟରେ ପଦ୍ମ ପ୍ରଧାନ ଥିଲେ ରାଜ୍ୟ ପଦ୍ମ ଦଳର ଛାମୁଆଁ ନେତା। ତାଙ୍କ ବିନା ଅନୁମତିରେ ରାମମନ୍ଦିର ଆଖଡ଼ାରେ ପବନ ବି ପଶି ପାରୁ ନ ଥିଲା। ତାଙ୍କ ନାଲି ଆଖିରେ ଦଳର ସାନସାନ ନେତାମାନେ ଥରଥର ହେଉଥିଲେ। ବିଜୟ ମହାପାତ୍ର, ଦିଲ୍ଲୀପ ରାୟଙ୍କ ପରି ଟାଣୁଆ ନେତାଙ୍କୁ କୋଣଠେସା କରିବା ତାଙ୍କ ପାଇଁ ଅତି ସାଧାରଣ କଥା ଥିଲା। ଯାହା ଚାହୁଁଥିଲେ, ତାହା କରିବାକୁ ସକ୍ଷମ ହେଉଥିଲେ। ଥରେ ବିହାର ଓ ଥରେ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ରରେ ୧୦ବର୍ଷ କାଳ ଅଖଣ୍ଡ କ୍ଷମତା ଉପଭୋଗ କଲେ। ମାତ୍ର ସବୁବେଳେ କି ସମୟ ସମାନ ଥାଏ? ଆଉ ରାଜ୍ୟସଭା ନୁହେଁ, ଏଣିକି ନିର୍ବାଚନ ଲଢ଼ିକି ଆସ ବୋଲି ଜାତୀୟ ନେତାମାନେ ପଦ୍ମ ପ୍ରଧାନଙ୍କୁ ସିଧାସିଧା କହିଦେଲେ। ତାଙ୍କର ଘନିଷ୍ଠ ଅନୁଗତମାନଙ୍କୁ ଦଳର ଟିକଟ ମିଳିଲା ନାହିଁ। ଏତିକି ବେଳକୁ ପଦ୍ମ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କଲେ ତାଙ୍କ ଦଳର ବିଧାନସଭା ଆସନ ସଂଖ୍ୟା ଓଡ଼ିଶାରେ ଦୁଇ ଅଙ୍କ ଟପିବ ନାହିଁ ବୋଲି ପ୍ରଣବପ୍ରକାଶ ଯେଉଁ ଚୂନ ମାରିଛନ୍ତି ତାହା କୁଆଡ଼େ କଟା ଘା'ରେ ନୂଆ ଚୂନ ମାରିବା ପରି ହୋଇଛି। ମୁଖ୍ୟମନ୍ତ୍ରୀ ପଦର ସ୍ୱପ୍ନ ଦେଖିଦେଖି ୧୦ ବର୍ଷ ବିତିଗଲା ସିନା କିଛି ବି ଫଳ ଫଳିଲା ନାହିଁ। ଏବେ ନିର୍ବାଚନ ପୀଡ଼ା ସାଙ୍ଗକୁ ପ୍ରଣବଙ୍କ କଟାକ୍ଷ। ସତରେ ଭାରି ଦୁଃଖଦାୟକ... । ■



## ଗୁମର ଖୋଲିଲେ ଖାରବେଳ

ପଦ୍ମ ଦଳିଆ ଖାରବେଳ ହେଉଛନ୍ତି ଜଣେ ଭିନ୍ନ ନେତା। ନାଁ ସିନା ଐର ଖାରବେଳ ମହାମେଘ ବାହନ, ହେଲେ ଦଳ ତାଙ୍କୁ ଖାରବେଳ ମଣୁ ନାହିଁ; ବରଂ ମେଘ ପରି ତାଙ୍କୁ ଇଆଡ଼େ ସିଆଡ଼େ ଉଡ଼ାଇ ଦେଉଛି। ଏକ ସମୟରେ ସିଏ ଥିଲେ ବାଲେଶ୍ୱରରୁ ସାଂସଦ। ତାଙ୍କୁ ହରାଇବା ପାଇଁ ଦଳର କିଛି ନେତା ଷଡ଼ଯନ୍ତ୍ର କରି ବାଲେଶ୍ୱରରୁ ସିଧା କନ୍ଧମାଳ ପଠାଇ ଦେଲେ। ପରିଣାମ ଯାହା ହେବାର କଥା ହେଲା, ଖାରବେଳ ନିର୍ଘାତ ହାରିଲେ। ଦଳର ରାଜ୍ୟ ନେତାମାନେ ତାଙ୍କୁ ବାରମ୍ବାର ଉପହସିତ କରିବା ସତ୍ତ୍ୱେ ସେ ଦଳ ଛାଡ଼ିଲେ ନାହିଁ ଓ ଏଥର ଟିକଟ ପାଇବେ ବୋଲି ଆଶା ବାନ୍ଧି ରହିଲେ। ମାତ୍ର ଆଶାର ବନ୍ଧ ଭାଙ୍ଗିଗଲା ସିନା, ଦଳ ତାଙ୍କୁ ଟିକଟ ଦେଲା ନାହିଁ। ସେ ସ୍ୱାଧୀନ ଲଢ଼ିବେ ବୋଲି ଧମକ ଦେଲେ, ତଥାପି କେହି କର୍ଣ୍ଣପାତ କଲେ ନାହିଁ। ଶେଷରେ ଖାରବେଳ ସାମ୍ବାଦିକ ସମ୍ମିଳନୀ କରି ଦଳର ନେତାଙ୍କ ପାରିବା ପଣିଆକୁ ଗୁଡ଼ି ପରି ଉଡ଼ାଇ ଦେଇଛନ୍ତି। ବାଲେଶ୍ୱର ନନା ପ୍ରତାପଙ୍କ ଧୋତି ଖୋଲି ଅପାରଗ ଷ୍ଟାମ୍ପ ମାରିଛନ୍ତି। ଅପାରଗପଣିଆରୁ ତାଙ୍କର ମନ୍ତ୍ରୀପଦ ଗଲା ବୋଲି କହିଛନ୍ତି ଖାରବେଳ। ଖାଲି ସେତିକି ନୁହେଁ, ସରକାରୀ କାମଗୁଡ଼ିକୁ ପ୍ରତାପ ନିଜେ କରିଥବା କହୁଛନ୍ତି ଓ ଦିନେ ଚନ୍ଦ୍ରଯାନକୁ ସେ ମହାକାଶକୁ ପଠାଇଥିଲେ ବୋଲି ଦାବି କରିବେ ବୋଲି କଟାକ୍ଷ କରିଛନ୍ତି। ସେମିତି ମୁଖ୍ୟମନ୍ତ୍ରୀ ହେବାକୁ ଦିବାସ୍ୱପ୍ନ ଦେଖୁଥିବା ଭୁବନେଶ୍ୱର ସାଂସଦ ଅପରାଜିତାଙ୍କ ସାଧାରଣ ଜ୍ଞାନ ଉପରେ ଖାରବେଳ ପ୍ରଶ୍ନ ଉଠାଇଛନ୍ତି। ଯେଉଁ ନେତ୍ରୀ ରାଜ୍ୟର ସଂରକ୍ଷିତ ସଂସଦୀୟ କ୍ଷେତ୍ର ସମ୍ପର୍କରେ ଧାରଣା ରଖିନାହାନ୍ତି, ସିଏ କ'ଣ କରିବେ ବୋଲି ପ୍ରଶ୍ନ କରିଛନ୍ତି ଖାରବେଳ। ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।